୬
ଆଇସିସି ଟେଷ୍ଟ ର୍ୟାଙ୍କିଂ ଶୀର୍ଷ ସ୍ଥାନ କବ୍ଜା କଲେ ବୁମ୍ରା



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
e-paper www.sambadkalika.in

# ସମ୍ବାଦ କଳିକା
TM
The Sambad Kalika
E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00

• ବର୍ଷ-୩୧ • ସଂଖ୍ୟା-୧୩ • ୮ ଫେବୃୟାରୀ ୨୦୨୪, ଗୁରୁବାର • ଭୁବନେଶ୍ୱର • Vol -31 • Issue-13 • 8th February 2024, Thursday • Bhubaneswar | Licensed to post without pre-payment of postage No- BN-60/22-24




## ବିରୋଧୀଙ୍କୁ କଡ଼ା ଜବାବ ଦେଲେ ମୁଖ୍ୟମନ୍ତ୍ରୀ

# ପରୀ ଭଳି ସମ୍ବେଦନଶୀଳ ପ୍ରସଙ୍ଗରେ ବିରୋଧୀ ହୀନ ରାଜନୀତି କରୁଛନ୍ତି

ଭୁବନେଶ୍ୱର, ୭।୨
ନ୍ୟୁଜ୍ ବ୍ୟୁରୋ





ଯେଉଁମାନେ ସଂକୀର୍ଣ୍ଣ ରାଜନୈତିକ ସ୍ୱାର୍ଥ ପାଇଁ ନିଜ ରାଜ୍ୟକୁ ବଦନାମ କରନ୍ତି, ସେମାନଙ୍କୁ ଲୋକମାନେ କ୍ଷମା କରିବେ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ବୁଧବାର ସନ୍ଧ୍ୟାରେ ବିଧାନସଭାରେ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ପୂର୍ବରୁ ହୋଇଥିବା ଆଲୋଚନାର ଉତ୍ତର ଦେଇ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି। ସେ କହିଛନ୍ତି ଯେ, ଯେଉଁମାନେ ଶ୍ରୀମନ୍ଦିର ଏବଂ ଲିଙ୍ଗରାଜ ପ୍ରକଳ୍ପକୁ ବନ୍ଦ କରିବାକୁ ଚେଷ୍ଟା କରିଥିଲେ ସେମାନଙ୍କୁ ମଧ ଲୋକେ କ୍ଷମା କରିବେ ନାହିଁ। ଯେଉଁମାନେ ରାଜ୍ୟର ବିକାଶକୁ ଅବରୋଧ କରନ୍ତି ସେମାନଙ୍କୁ ବି କେହି କ୍ଷମା କରିବେ ନାହିଁ। ସେହିପରି ପରୀ ଭଳି ସମ୍ବେଦନଶୀଳ ମାମଲାରେ ବିରୋଧୀ ରାଜନୀତି କରୁଛନ୍ତି। ଏହାକୁ ତୀବ୍ର ନାପସନ୍ଦ କରି ମୁଖ୍ୟମନ୍ତ୍ରୀ କହିଥିଲେ ଗତକାଲି ପରୀ ଘଟଣାରେ ଦୋଷୀ ଦଣ୍ଡ ପାଇଛି। ବିରୋଧୀ ଏନେଇ ହୀନ ରାଜନୀତି କରୁଛନ୍ତି। ମୁଁ ବିରୋଧୀ ଦଳର ସଦସ୍ୟମାନଙ୍କୁ ଏହି ଗୃହରେ କି ପ୍ରକାର ପ୍ରତିବନ୍ଧକ ବିଷୟରେ ମନେ ପକାଇବାକୁ ଚାହୁଁଛି ଏବଂ ଏହି ସମ୍ବେଦନଶୀଳ ମାମଲାକୁ ରାଜନୀତିକରଣ କରିବାକୁ ଚେଷ୍ଟା କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବିଗତ ୨୪ ବର୍ଷ ଭିତରେ ଏଭଳି ହୀନ ରାଜନୀତି କେବେ ଦେଖିନି। ଆସନ୍ତୁ ସମସ୍ତେ ମିଳିମିଶି ନୂଆ ଓଡ଼ିଶା ଓ ସଶକ୍ତ ଓଡ଼ିଶା ଗଠନ କରିବା ବୋଲି ମୁଖ୍ୟମନ୍ତ୍ରୀ ଗୃହରେ ଆହ୍ୱାନ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ବିଏସ୍‌କେୱାଇ ଦେଶର ସବୁଠାରୁ ଭଲ ଯୋଜନା। ଲାଭ ଯୋଜନା ଆଦିବାସୀଙ୍କ ପାଇଁ ବହୁତ ସହାୟକ ହେବ। ଓଡ଼ିଶା ରାଜସ୍ୱ ବଳକା ରାଜ୍ୟରେ ପରିଗଣିତ (ପୃଷ୍ଠା ୭ରେ)

## ଦେଶରେ ପ୍ରଥମ : ଏକକ ନାଗରିକ ସଂହିତା ବିଲ୍ ବିଧାନସଭାରେ ପାସ୍

ଉତ୍ତରାଖଣ୍ଡ, ୭।୨

ଏବେ ରାଜ୍ୟପାଳ ମୋହର ମାରିବା କ୍ଷଣି ୟୁସିସି ଆଇନରେ ପରିଣତ ହୋଇଯିବ। ଏଥିସହ ସ୍ୱାଧୀନତା ପରେ ଦେଶର ପ୍ରଥମ ରାଜ୍ୟ ଭାବେ ଉତ୍ତରାଖଣ୍ଡରେ ସମସ୍ତଙ୍କ ପାଇଁ ସମାନ ଆଇନ କାର୍ଯ୍ୟକାରୀ ହେବ।

ବିଜେପି ଶାସିତ ଉତ୍ତରାଖଣ୍ଡ ଦେଶର ପ୍ରଥମ ରାଜ୍ୟ ଭାବେ ଏକକ ନାଗରିକ ସଂହିତା ବିଲ୍‌କୁ ପାରିତ କରିଛି। ବୁଧବାର ଉତ୍ତରାଖଣ୍ଡ ବିଧାନସଭାରେ ୟୁସିସି ବିଲ୍ ପାସ୍ ହୋଇଛି। ଏବେ ବିଜେପି ଶାସିତ ଅନ୍ୟ ରାଜ୍ୟଗୁଡ଼ିକ ମଧ ୟୁସିସି ବିଲ୍ ଆଣିବା ପାଇଁ ଅଣ୍ଟା ଭିଡ଼ିବା ଆରମ୍ଭ କରିଛନ୍ତି। ରାଜସ୍ଥାନ ସରକାର କହି ସାରିଛନ୍ତି ଯେ ଆସନ୍ତା ବିଧାନସଭା ଅଧିବେଶନରେ ୟୁସିସି (ପୃଷ୍ଠା ୭ରେ)



# କଂଗ୍ରେସର ଚିନ୍ତାଧାରା ପୁରୁଣା ହୋଇଗଲାଣି



ନୂଆଦିଲ୍ଲୀ, ୭।୨

ରାଜ୍ୟସଭାରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ସଂକ୍ରାନ୍ତ ଧନ୍ୟବାଦ ପ୍ରସ୍ତାବ ଉପରେ ବିତର୍କର ଉତ୍ତର ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର କହିଛନ୍ତି ଯେ ତାଙ୍କ ସରକାର ସାହସିକ ଏବଂ ବଡ଼ ନୀତିଗତ ନିଷ୍ପତ୍ତି ନେଇଛନ୍ତି, ଯାହା ଫଳରେ ଭାରତ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥ ବ୍ୟବସ୍ଥା ହୋଇପାରିଛି।

କଂଗ୍ରେସକୁ ଟାର୍ଗେଟ କରି ଶ୍ରୀ ମୋଦି କହିଛନ୍ତି, କଂଗ୍ରେସର ଚିନ୍ତାଧାରା ପୁରୁଣା ହୋଇଗଲାଣି। ସେ କହିଛନ୍ତି ଯେ କଂଗ୍ରେସ ପାଖରେ ନିଜ ନେତା ଓ ନୀତିର ଗ୍ୟାରେଣ୍ଟି ନାହିଁ ବରଂ ମୋଦି ସରକାରଙ୍କ ଗ୍ୟାରେଣ୍ଟି ଉପରେ ପ୍ରଶ୍ନ ଉଠୁଛି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଆଗାମୀ ସାଧାରଣ ନିର୍ବାଚନରେ କଂଗ୍ରେସ ୪୦ ଆସନ ଅତିକ୍ରମ କରିବ ନାହିଁ ବୋଲି ଦେଇଥିବା ମନ୍ତବ୍ୟକୁ ଲକ୍ଷ୍ୟ କରି ଶ୍ରୀ ମୋଦି କହିଛନ୍ତି ଯେ ସେ ପ୍ରାର୍ଥନା କରୁଛନ୍ତି କଂଗ୍ରେସ ୪୦ଟି ଆସନ ପାଇବାରେ ସକ୍ଷମ ହେଉ। ଅତୀତରେ କଂଗ୍ରେସ ଦଳ କ୍ଷମତା ପାଇଁ ଗଣତନ୍ତ୍ରକୁ ଦମନ କରିଥିଲା ଏବଂ ଗଣତାନ୍ତ୍ରିକ ଭାବରେ ନିର୍ବାଚିତ ସରକାରମାନଙ୍କୁ ବହିଷ୍କାର କରିଥିଲା, କିନ୍ତୁ ବର୍ତ୍ତମାନ (ପେଜ୍-୭ରେ)

## ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ଶପଥ ନେଲେ ଜଷ୍ଟିସ୍ ଚକ୍ରଧାରୀ ଶରଣ ସିଂ



କଟକ, ୭।୨
ନ୍ୟୁଜ୍ ବ୍ୟୁରୋ

ଓଡ଼ିଶା ହାଇକୋର୍ଟର ନୂଆ ମୁଖ୍ୟ ବିଚାରପତି ଭାବେ ବୁଧବାର ଜଷ୍ଟିସ୍ ଚକ୍ରଧାରୀ ଶରଣ ସିଂ ଶପଥ ନେଇଛନ୍ତି। ରାଜ୍ୟପାଳ ରଘୁବର ଦାସ ତାଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି। ଏହି ଶପଥ ଗ୍ରହଣ ଉତ୍ସବରେ ରାଜ୍ୟ ମୁଖ୍ୟ ଶାସନ ସଚିବ, ପୁଲିସ ଡ଼ିଜିଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ (ପୃଷ୍ଠା ୭ରେ)

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

## ପୋଡିୟମ ଉପରକୁ ଚଢ଼ି ବାଚସ୍ପତିଙ୍କ ମାଇକ୍ ଭାଙ୍ଗିଲେ ବିଜେପି ବିଧାୟକ

# ହଟ୍ଟଗୋଳ ନାରାବାଜି : ଦିନତମାମ୍ ବିଧାନସଭା ଅଚଳ

ଭୁବନେଶ୍ୱର, ୭।୨
ନ୍ୟୁଜ୍ ବ୍ୟୁରୋ



ବୁଧବାର ବିଧାନସଭାରେ ଦିନତମାମ ଅଚଳାବସ୍ଥା ଲାଗି ରହିଥିଲା। ବୈଠକ ଆରମ୍ଭରୁ ହଠାତ୍ ପ୍ରଶ୍ନୋତ୍ତର କାଳରୁ ବିଜେପି ବିଧାୟକମାନେ ଅର୍ପଣ ରଥ ପାଇଁ ଚାଉଳ ଓ ଅର୍ଥ ସଂଗ୍ରହ ପ୍ରସଙ୍ଗ ଉଠାଇ ହଟ୍ଟଗୋଳ କରିବା ସହ ନାରାବାଜି ଓ ପ୍ଲାକାର୍ଡ଼ ପ୍ରଦର୍ଶନ ଆରମ୍ଭ କରିଥିଲେ। ଅନ୍ୟପକ୍ଷରେ ଶାସକ ଦଳ ବିଧାୟକମାନେ ନିଜନିଜ ଆସନରେ ଠିଆହୋଇ କେନ୍ଦ୍ର ମନ୍ତ୍ରୀଙ୍କ ବିରୋଧରେ ଅନୁରୂପ ଭାବେ ସ୍ଲୋଗାନ ଦେଇଥିଲେ । ଉଭୟ ପକ୍ଷ ମଧ୍ୟରେ ଆକ୍ଷେପ ପ୍ରତିଆକ୍ଷେପ ଓ ନାରାବାଜି ଜୋରଦାର ହେବାରୁ ବାଚସ୍ପତି ପ୍ରମିଳା ମଲ୍ଲିକ ଗୃହକୁ ପ୍ରଥମେ ୧୧ଟା ୩୦ ପର୍ଯ୍ୟନ୍ତ ମୁଲତବୀ କରିଥିଲେ। ଏହା ପରେ (ପୃଷ୍ଠା ୭ରେ)

# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆଇକନିକ୍ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଉଦ୍‌ଘାଟିତ

ଭୁବନେଶ୍ୱର, ୭।୨
ନ୍ୟୁଜ୍ ବ୍ୟୁରୋ



ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱର ଅନ୍ଧାରୁଆଠାରେ ଆଇକନିକ୍ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ନୂତନ କ୍ୟାମ୍ପସର ଶୁଭ ଉଦ୍‌ଘାଟନ କରିଛନ୍ତି। ଏହା ମାଧ୍ୟମରେ ଛାତ୍ରଛାତ୍ରୀମାନେ ବିଶ୍ୱସ୍ତରୀୟ ପ୍ରତିଯୋଗିତା ପାଇଁ ନିଜକୁ ପ୍ରସ୍ତୁତ କରି ଏକ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିପାରିବେ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି।

ସୂଚନାଯୋଗ୍ୟ ଯେ ୨୦୨୧ ସେପ୍ଟମ୍ବର ୫ ତାରିଖ ଗୁରୁଦିବସ ଅବସରରେ ମୁଖ୍ୟମନ୍ତ୍ରୀ ଏହାର ଭିତ୍ତି ସ୍ଥାପନ କରିଥିଲେ।

ଉଦ୍‌ଘାଟିତ ହୋଇଥିବା ୨୫ ଏକର ପରିମିତ ନୂତନ କ୍ୟାମ୍ପସରେ ସିବିଏସ୍‌ସି ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଉତ୍କର୍ଷ ହାସଲ କରିଥିବା ୧୦୦୦ ମେଧାବୀ ଛାତ୍ରଛାତ୍ରୀଙ୍କ ପଢିବା ପାଇଁ ଆକାଡେମିକ୍ ବ୍ଲକ, ପ୍ରତ୍ୟେକ ୫୪୪ କ୍ଷମତା ବିଶିଷ୍ଟ ୨ଟି ଛାତ୍ରାବାସ ଓ ଛାତ୍ରୀନିବାସ, ସେଣ୍ଟ୍ରାଲ କିଚେନ ଓ ଡାଇନିଙ୍ଗ ବ୍ୟବସ୍ଥା, ଷ୍ଟାଫ କ୍ୱାଟର୍ସ, ଡର୍ମିଟୋରୀ ଏବଂ ପାର୍କିଂ ଓ ବଗିଚା ଇତ୍ୟାଦିର ବ୍ୟବସ୍ଥା କରାଯାଇଛି। ଏହାର ନିର୍ମାଣ ପାଇଁ ୧୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ (ପୃଷ୍ଠା ୭ରେ)

# ଛାତ୍ରଛାତ୍ରୀଙ୍କ ସହ ମେଟ୍ରୋରେ ଯାତ୍ରା କଲେ ରାଷ୍ଟ୍ରପତି

ନୂଆଦିଲ୍ଲୀ, ୭।୨

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବୁଧବାର ଦିଲ୍ଲୀ ମେଟ୍ରୋରେ ଯାତ୍ରା କରିଛନ୍ତି। ଏହି ଗସ୍ତ ସମୟରେ ରାଷ୍ଟ୍ରପତି ସ୍କୁଲ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଥିଲେ। ରାଷ୍ଟ୍ରପତି ମୁର୍ମୁ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ଭବିଷ୍ୟତ ଲକ୍ଷ୍ୟ ବିଷୟରେ ପଚାରିଥିଲେ। ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରଥମ ଥର ପାଇଁ ରାଷ୍ଟ୍ରପତି ମୁର୍ମୁ ମେଟ୍ରୋରେ ଯାତ୍ରା କରିଛନ୍ତି। ଦିଲ୍ଲୀ ମେଟ୍ରୋରେ ଯାତ୍ରା କରିବାରେ ସେ ହେଉଛନ୍ତି ଭାରତର ଦ୍ୱିତୀୟ ରାଷ୍ଟ୍ରପତି। ୨୦୧୨ ମସିହାରେ ତତ୍କାଳୀନ ରାଷ୍ଟ୍ରପତି ପ୍ରତିଭା ପାଟିଲ ମଧ ମେଟ୍ରୋରେ ଯାତ୍ରା କରିଥିଲେ।

ଏହି ଅବସରରେ ରାଷ୍ଟ୍ରପତି ମୁର୍ମୁ କେନ୍ଦ୍ରୀୟ ସଚିବାଳୟ ମେଟ୍ରୋ ଷ୍ଟେସନ (ଗେଟ୍ ନମ୍ବର ୪) ଏବଂ ଅମୃତ ଉଦ୍ୟାନ (ଗେଟ୍ ନଂ ୩୫) ମଧ୍ୟରେ ସକାଳ ସାଢ଼େ ୯ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ପ୍ରତି ୩୦ ମିନିଟରେ ଅମୃତ ଉଦ୍ୟାନକୁ ଆସୁଥିବା ଏକ ସଟଲ ବସ୍ ସେବାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। (ପୃଷ୍ଠା ୭ରେ)

# ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀରେ ବେଶ୍ ଆଦୃତ ହୋଇଛି ମେଟାଭର୍ସ ଡିଜିଟାଲ୍ ପ୍ଲାଟଫର୍ମ

ଭୁବନେଶ୍ୱର, ୭।୨
ନ୍ୟୁଜ୍ ବ୍ୟୁରୋ

୫-ଟି ଉପକ୍ରମରେ ଓଡ଼ିଶାର ପ୍ରତ୍ୟେକ କ୍ଷେତ୍ରରେ ଚାଲିଛି ରୂପାନ୍ତରଣ ପ୍ରକ୍ରିୟା। ସମୟ ସହ ତାଳ ଦେଇ ଡିଜିଟାଇଜେସନ କ୍ଷେତ୍ରରେ ବି ପଛରେ ପଡିବାକୁ ଚାହୁଁନାହିଁ ଓଡ଼ିଶା। ଏ କ୍ଷେତ୍ରରେ ବି ଓଡ଼ିଶା ଆଗେଇ ଚାଲିଛି। ୫-ଟି ଓ ନବୀନ ଓଡ଼ିଶା ଅଧକ୍ଷଙ୍କ ମଧ ଟେକ୍ନୋଲୋଜିର ସଦୁପଯୋଗ ଉପରେ ଗୁରୁତ୍ୱାରୋପ କରିଛନ୍ତି। ସଦ୍ୟ ସମାପ୍ତ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀରେ ଟେକ୍ନୋଲୋଜି ପ୍ରୟୋଗ କରି ଓଡ଼ିଶାର ସମୃଦ୍ଧ ଭାଷା, ସଂସ୍କୃତି, ସାହିତ୍ୟ, ପରମ୍ପରା ଓ ଐତିହ୍ୟର ପ୍ରଚାର ପ୍ରସାର କରିବାକୁ ଉଦ୍ୟମ କରାଯାଇଥିଲା ।

ଏଥିପାଇଁ ମେଟାଭର୍ସ ଡିଜିଟାଲ୍ ପ୍ଲାଟଫର୍ମର ସହାୟତା ନିଆଯାଇଥିଲା। ୫-ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ ନିଜେ ଏ ଦିଗରେ ଉଦ୍ୟମ କରିଥିଲେ । ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀରେ ଏହି ଡିଜିଟାଲ (ପୃଷ୍ଠା ୭ରେ)



## ବଦଳୁଛି ଜଳବାୟୁ, ଫେବୃଆରୀରୁ ଗ୍ରୀଷ୍ମ ଅନୁଭୂତି

କୋରାପୁଟ, ୭।୨
ନ୍ୟୁଜ୍ ବ୍ୟୁରୋ

କୋରାପୁଟ ଜିଲ୍ଲାରେ ବଦଳୁଛି ଜଳବାୟୁ। ହଠାତ୍ ଶୀତ ଉଭାନ ହୋଇଯିବା ସହ ଗରମ ଅନୁଭୂତ ହେଲାଣି। ଫେବ୍ରୁଆରୀ ପ୍ରଥମ ସପ୍ତାହରେ ଦିନର ସର୍ବୋଚ୍ଚ ତାପମାତ୍ରା ୩୦ଡିଗ୍ରୀ ଛୁଇଁଲାଣି। ତେଣୁ ମାର୍ଚ୍ଚ ଶେଷ ବେଳକୁ ତାପମାତ୍ରା ୪୦ଡିଗ୍ରି ଛୁଇଁପାରେ ବୋଲି ଅନୁମାନ କରାଯାଉଛି। ଅନ୍ୟପଟେ ହଠାତ୍ ଗରମ ବଢ଼ିବାରୁ (ପୃଷ୍ଠା ୭ରେ)

## ଏକାଳ ପଖାଳ



ଖଣ୍ଡିଆ କାମ ପୂରଣ ହୁଏ
ଚାହିଁ ଆଖି ଯାଏ ଲାଖି
ରାତାରାତି ସଡ଼କ, ପାଣି
ନିର୍ବାଚନ ତିଥି ଦେଖି
ଜନତା ହେଉଥା ଚାଖି
ଘାସ ଖୋଉଛନ୍ତି ଦୁହିଁବେ ସେମିତି
ନେତା ଦେବେ ଗୋଟା ଢୋକି।

# ଖୁବ୍‌ଶୀଘ୍ର ମିଳିବ 'ଏଲିୟନ୍ ଅବଶେଷ'



ୱାଶିଂଟନ୍, ୭।୨

ଆମେରିକା ସେନାର ଜଣେ ପୂର୍ବତନ ହେଲିକପ୍ଟର ପାଇଲଟ, ଯିଏ କି ଏକ ୟୁଏଫ୍‌ଓ (ବାହାର ଗ୍ରହରୁ ଆସିଥିବା ଯାନ)ରେ ତିନିମାସ ବିତାଇଥିଲେ ବୋଲି ଦାବି କରିଛନ୍ତି, ସେ କହିଛନ୍ତି ଯେ ମଣିଷ ଖୁବ୍‌ଶୀଘ୍ର ବ୍ରହ୍ମାଣ୍ଡରେ ଏଲିୟନଙ୍କ ଅବଶେଷ ପାଇବ। ସେନାରେ ହେଲିକପ୍ଟର ପାଇଲଟ ଭାବେ କାର୍ଯ୍ୟ କରିଥିବା ଆଲେକ୍ସ କୋଲିୟର୍ ଦାବି କରିଛନ୍ତି ଯେ ସେ ୧୯୮୦ ଦଶକରେ ଦୁଇଜଣ ଏଲିୟନଙ୍କ ସହ କଥା ହୋଇଥିଲେ। ସେ ଆଣ୍ଡ୍ରୋମେଡିଆନ୍ ନାମରେ ପରିଚିତ। ଏଲିୟନମାନଙ୍କ ସହିତ ସମୟ ବିତାଉଥିଲେ, ଯେଉଁମାନଙ୍କୁ ଭିସାୟସ୍ ଏବଂ ମୋରୋଆନେ କୁହାଯାଉଥିଲା।

ସେ ଜୋର ଦେଇ କହିଛନ୍ତି ଯେ, ଏଲିୟନମାନଙ୍କ ସହ ତାଙ୍କର ସମ୍ପର୍କ ଏତେ ଅସାଧାରଣ ଥିଲା ଯେ ତାଙ୍କୁ ସେମାନଙ୍କ ମହାକାଶ ଯାନରେ ନିଆଯାଇଥିଲା। ସେଠାରେ ତାଙ୍କୁ ଏକ ସ୍ୱତନ୍ତ୍ର ବେଲ୍ଟ ପିନ୍ଧିବାକୁ ବାଧ କରାଯାଇଥିଲା, ଯାହାଦ୍ୱାରା ଏଲିୟନମାନେ ତାଙ୍କ ସହ ତିନି ମାସ ଧରି ଯୋଗାଯୋଗ କରିପାରିବେ।

ପୂର୍ବତନ ପାଇଲଟ ଦାବି କରିଛନ୍ତି ଯେ ଏହି ଅଦ୍ଭୁତ ଏନକାଉଣ୍ଟର ୧୯୬୦ ଦଶକରେ ଘଟିଥିଲା, (ପୃଷ୍ଠା ୭ରେ)

# ବିଶ୍ୱରେ ପ୍ରଥମ : ଭଗବତ୍ ଗୀତା ଛୁଇଁ ଶପଥ ନେଲେ ଅଷ୍ଟ୍ରେଲିଆ ସିନେଟର୍

ଅଷ୍ଟ୍ରେଲିଆ, ୭।୨



ବାରିଷ୍ଟର ବରୁଣ ଘୋଷ ହେଉଛନ୍ତି ଜଣେ ଭାରତୀୟ ବଂଶୋଦ୍ଭବ। ପଶ୍ଚିମ ଅଷ୍ଟ୍ରେଲିଆରେ ରହୁଥିବା ବରୁଣଙ୍କ ଜନ୍ମ ଭାରତରେ ହୋଇଛି।

ଇତିହାସ ରଚିଲେ ବାରିଷ୍ଟର ବରୁଣ ଘୋଷ। ଅଷ୍ଟ୍ରେଲିଆ ସଂସଦରେ ଭଗବଦ୍ ଗୀତା ଛୁଇଁ ଅଷ୍ଟ୍ରେଲିଆ ସିନେଟର୍ ଭାବେ ସେ ଶପଥ ନେଇଛନ୍ତି । ସେ ହେଉଛନ୍ତି ଜଣେ ଭାରତୀୟ ବଂଶୋଦ୍ଭବ। ପଶ୍ଚିମ ଅଷ୍ଟ୍ରେଲିଆରେ ରହୁଥିବା ବରୁଣଙ୍କ ଜନ୍ମ ଭାରତରେ ହୋଇଛି। ତାଙ୍କୁ ଅଷ୍ଟ୍ରେଲିଆର ନୂଆ ସିନେଟର୍ ଭାବେ ନିର୍ବାଚିତ କରାଯାଇଛି। ଏଥିସହ ବିଧାନ ପରିଷଦ ତାଙ୍କୁ ସଂଘୀୟ ସଂସଦର ସିନେଟରେ ଅଷ୍ଟ୍ରେଲିଆ ରାଜ୍ୟ ପ୍ରତିନିଧିତ୍ୱ କରିବାକୁ ମନୋନୀତ କରିଛି। ଅଷ୍ଟ୍ରେଲିଆର ବୈଦେଶିକ ମନ୍ତ୍ରୀ ପେନୀ ୱାଙ୍ଗ, ବରୁଣ ଘୋଷଙ୍କୁ (ପୃଷ୍ଠା ୭ରେ)

ପ୍ରଜାତନ୍ତ୍ର
30 YEARS
ସମ୍ବାଦ କଳିକା

# ବିଶ୍ୱରେ ୪୭୭ କୋଟି ଲୋକଙ୍କ ୦.୨ ପ୍ରତିଶତ ସମ୍ପତ୍ତିରେ ହ୍ରାସ

କରୋନା ମହାମାରୀ ସାରା ବିଶ୍ୱରେ ବଡ଼ ଧରଣର ପରିବର୍ତ୍ତନ ଆଣିଛି । କିଛି ଲୋକଙ୍କ ପାଇଁ ଏହା ବହୁତ ବଡ଼ କ୍ଷତିର କାରଣ ହୋଇଥିବା ବେଳେ ଅନ୍ୟ କିଛି ଲୋକଙ୍କ ପାଇଁ ଏହା ଲାଭଦାୟକ ହୋଇଛି । ଅକ୍ସଫାମ ଜାରି କରିଥିବା ଏକ ରିପୋର୍ଟରୁ ଜଣାପଡ଼ିଛି ଯେ ୨୦୨୦ ପରେ ବିଶ୍ୱର ୬୦ ପ୍ରତିଶତ ଗରିବ ଲୋକଙ୍କ ସମ୍ପତ୍ତିରେ ହ୍ରାସ ଘଟିଛି । ସେହି ସମୟରେ ବିଶ୍ୱର ପାଞ୍ଚ ଜଣ ବଡ଼ ଧନୀ ଏଲନ ମସ୍କ, ବର୍ନାର୍ଡ ଆର୍ନଲ୍ଟ, ଜେଫ ବେଜୋସ୍, ଲାରି ଏଲିସନ ଓ ମାର୍କ ଜୁକରବର୍ଗଙ୍କ ସମ୍ପତ୍ତି ଦ୍ୱିଗୁଣିତ ହୋଇଛି ।

ରିପୋର୍ଟ ଅନୁଯାୟୀ, ସାରା ବିଶ୍ୱରେ ୪୭୭ କୋଟି ଲୋକଙ୍କ ସମ୍ପତ୍ତିରେ ୦.୨ ପ୍ରତିଶତ ହ୍ରାସ ହୋଇଛି । ୨୦୨୦ ତୁଳନାରେ ୨୦୨୩ରେ ଧନୀ ଲୋକମାନଙ୍କ ସମ୍ପତ୍ତି ୩ ଲକ୍ଷ କୋଟି ଡଲାର ବଢ଼ିଛି । ମୁଦ୍ରାସ୍ଫୀତି ହାରଠାରୁ ଅଧିକ ବେଗରେ ଧନୀମାନେ ସେମାନଙ୍କ ସମ୍ପତ୍ତି ବଢ଼ାଇଛନ୍ତି । ଯେଉଁ ହାରରେ ଧନୀ ଓ ଗରିବଙ୍କ ମଧ୍ୟରେ ତାରତମ୍ୟ ରହିଛି ତାହାକୁ ବିଚାରକୁ ନେଲେ ୨୩୦ ବର୍ଷ ପୂର୍ବରୁ ଦାରିଦ୍ର୍ୟ ମୂଳୋତ୍ପାଟନ ହୋଇପାରିବନି । ଧନୀ ଓ ଗରିବଙ୍କ ମଧ୍ୟରେ ତାରତମ୍ୟ ଲାଗି ରହିବ ଏବଂ ଦଶନ୍ଧି ଭିତରେ ଟ୍ରିଲିଓନେୟାର (ଏକ ଲକ୍ଷ କୋଟି ଡଲାରରୁ ଅଧିକ ସମ୍ପତ୍ତିର ମାଲିକ) ସୃଷ୍ଟି ହେବେ । ସର୍ବାଧିକ ଲାଭ କରୁଥିବା ଲୋକମାନଙ୍କ ପାଖରେ କ୍ଷମତା ରହିଥିବା ବେଳେ ଶ୍ରମିକ ଓ ସମାଜରେ ସେମାନଙ୍କ ସମ୍ପତ୍ତି ବଣ୍ଟନ କରୁନଥିବାରୁ ବୈଷମ୍ୟ ବଢ଼ୁଛି । ବିଶ୍ୱର ପ୍ରତି ୧୦ ବଡ଼ ସଂସ୍ଥା ମଧ୍ୟରୁ ୭ ସଂସ୍ଥାର ସିଇଓ ବିଲିଓନେୟାର (୧୦୦ କୋଟି ଡଲାରରୁ ଅଧିକ ସମ୍ପତ୍ତିର ମାଲିକ) ବିଶ୍ୱର ୧ ପ୍ରତିଶତ ଧନୀ ଲୋକଙ୍କ ପାଖରେ ଦୁନିଆର ୪୩ ପ୍ରତିଶତ ଆର୍ଥିକ ସମ୍ପତ୍ତି ରହିଛି । ଦୁନିଆର ଦୁଇ ତୃତୀୟାଂଶ ଗରିବଙ୍କ ଠାରୁ ସେହି ୧ ପ୍ରତିଶତ ଧନୀ ଲୋକ ଅଧିକ ଅଙ୍ଗାରକାମ୍ଳ ଗ୍ୟାସ ଛାଡ଼ୁଛନ୍ତି । ବିଶ୍ୱର ସବୁ ବଡ଼ ଧନୀ ଲୋକମାନେ ହେଉଛନ୍ତି ପୁରୁଷ ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି । ସ୍ୱାସ୍ଥ୍ୟ ଓ ସାମାଜିକ କ୍ଷେତ୍ରରେ ସିଇଓ ହେବା ଲାଗି ଜଣେ ମହିଳା ଶ୍ରମିକଙ୍କୁ ୧୨୦୦ ବର୍ଷ ଲାଗିଯିବ ବୋଲି ଆକଳନ କରାଯାଇଛି ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ଓଁ**

**'ଜୟନ୍ତୀ, ମଙ୍ଗଳା, କାଳୀ,
ଭଦ୍ରକାଳୀ କପାଳିନୀ
ଦୁର୍ଗା, କ୍ଷମା, ଶିବା, ଧାତ୍ରୀ
ସ୍ୱାହା ସ୍ୱଧା ନମୋସ୍ତୁତେ ।'**

ନବଦ୍ୱାରେ ନବଶକ୍ତି
ତୁହି ମାତ ଦେବୁ
ଦଶ ଦ୍ୱାର ଶୂନ୍ୟବାସୀ
ତୁହି ବୋଲାଇବୁ (୨୦)

ତୋର ଛଡା ଏ ଶରୀର
କିଏ ସେ ରଖିବ
ତୁହି ଯଦି ନ ରଖିବୁ
ନାରଖାର ହେବ (୨୧)

ସବସ୍ୱ ମଙ୍ଗଳ କାରିଣୀ
ତୁହି ମା ମଙ୍ଗଳା
ବିପଦ ସମୟେ ଭକ୍ତର
ତୁହି ଭାବ ଭେଳା (୨୨)


ଶ୍ରୀ ଅଭିରାମ ସରସ୍ୱତୀ

ତୋର ଘର ମୋ ଶରୀର
ତୋତେ ସମର୍ପିଲି
ସବୁଛାଡି ତୋର ପାଶେ
ଶରଣ ପଶିଲି (୨୩)

ରଖିଲେ ରଖିବୁ ତୁହି
ମାରିଲେ ମାରିବୁ
ବିପଦ ସମୟେ ସଦା
ତୁହି ସାହାହେବୁ (୨୪)
(କ୍ରମଶଃ)

# ହାୱାର୍ଡ ମରଫେଟ୍‌ଙ୍କୁ ବାବା ପୁଟ୍ଟାପାର୍ତ୍ତି ଯିବା ପାଇଁ ବାଟ ଦେଖେଇଲେ


ଇଂ ଗୁରୁପ୍ରସାଦ ସରକାର
ମୋ : ୯୪୩୭୦୩୦୪୫୩

**ଶ୍ରୀ ସତ୍ୟସାଇ ମହିମା–୨୪୭**

ଏପରିକି ଶେଷ ପର୍ଯ୍ୟାୟରେ କିଛି ବାଟ ବଳଦଗାଡିରେ ଓ ପରେ ଚାଲିକରି ଯିବାକୁ ପଡୁଥିଲା । ରୋଗୀ ଶୁଣିଥିଲେ ଯେ, ସତ୍ୟସାଇବାବା ଶୂନ୍ୟରୁ ହାତ ବୁଲେଇ ବିଭୂତି ଓ ଅନ୍ୟାନ୍ୟ ବସ୍ତୁ ଆଣି ଭକ୍ତମାନଙ୍କୁ ପ୍ରଦାନ କରୁଥିଲେ । ଏହି ସବୁ ଶୁଣିବା ପରେ ସତ୍ୟସାଇ ବାବାଙ୍କୁ ଦେଖିବା ପାଇଁ ମରଫେଟ୍‌ଙ୍କ ମନରେ ପ୍ରବଳ ଇଚ୍ଛା ଜାଗ୍ରତ ହେଲା । ପୁଣି ଯେତେବେଳେ ସେ ଶୁଣିଲେ ଯେ, ସତ୍ୟସାଇ ବାବା ସିରିଡି ବାବାଙ୍କ ପର ଅବତାର ସେ ଆଉ ନିଜକୁ ସମ୍ଭାଳିପାରିଲେ ନାହିଁ । ସତ୍ୟସାଇବାବାଙ୍କୁ ଦର୍ଶନ କରିବା ପାଇଁ ତାଙ୍କ ମନ ଅଥୟ ହେଲା । ସେ କିଛି ଦିନ ଉଭୟ ଭାରତରେ ଭ୍ରମଣ କରିବା ପରେ ମାନ୍ଦ୍ରାଜରେ ଥିବା ଥିଓସୋଫିକାଲ ଇଷ୍ଟେଟ୍‌ରେ କିଛିଦିନ ରହିଲେ । ସେଠାକୁ ଦିନେ ଗୈରିକ ବସ୍ତ୍ର ପରିଧାନ କରିଥିବା ଜଣେ ଶ୍ୟାମଳ ବର୍ଣ୍ଣେର ସନ୍ୟାସିନୀ ବୁଲିବାକୁ ଆସିଥିଲେ । ତାଙ୍କ ନାମ ଥିଲା ନିର୍ମଳାନନ୍ଦ । ଏହି ସନ୍ୟାସିନୀ ଶିବାନନ୍ଦଙ୍କ ଠାରୁ ଦିକ୍ଷା ନେଇଥିଲେ । ଶିବାନନ୍ଦ ତାଙ୍କୁ ଏହି ଛଦ୍ମନାମ ନିର୍ମଳାନନ୍ଦ ଦେଇଥିଲେ ।



ହାୱାର୍ଡ ମରଫେଟ୍ ଅଷ୍ଟ୍ରେଲିଆର ଟାସ୍‌ମାନିଆରେ ଜନ୍ମ ଗ୍ରହଣ କରିଥିଲେ । ସେ ଓ ତାଙ୍କ ପତ୍ନୀ ଆଇରିସ୍ ଉଭୟେ ଧର୍ମ ପରାୟଣ ଥିଲେ । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ରଣାଙ୍ଗନରେ ରହି ନାନାବିଧ ଦାୟିତ୍ୱ ସମ୍ପାଦନ କରିଥିଲେ । ମରଫେଟ୍ ପ୍ରଥମେ ସାଇବାବାଙ୍କ ବିଷୟରେ ଜଣେ ଭ୍ରାମ୍ୟମାଣ ଯୋଗୀଙ୍କ ଠାରୁ ଶୁଣିଥିଲେ । ସେ ଯୋଗୀ କିନ୍ତୁ ନିଜେ ପୁଟ୍ଟାପାର୍ତ୍ତି ଆଶ୍ରମକୁ ଯାଇନଥିଲେ । ତେବେ ପୁଟ୍ଟାପାର୍ତ୍ତିକୁ ସେତେବେଳେ ରାସ୍ତା ଅତି ଦୁର୍ଗମ ଥିଲା ବୋଲି ସେ ଶୁଣିଥିଲେ । ଏପରିକି ଶେଷ ପର୍ଯ୍ୟାୟରେ କିଛି ବାଟ ବଳଦଗାଡିରେ ଓ ପରେ ଚାଲିକରି ଯିବାକୁ ପଡୁଥିଲା । ରୋଗୀ ଶୁଣିଥିଲେ ଯେ, ସତ୍ୟସାଇବାବା ଶୂନ୍ୟରୁ ହାତ ବୁଲେଇ ବିଭୂତି ଓ ଅନ୍ୟାନ୍ୟ ବସ୍ତୁ ଆଣି ଭକ୍ତମାନଙ୍କୁ ପ୍ରଦାନ କରୁଥିଲେ । ଏହି ସବୁ ଶୁଣିବା ପରେ ସତ୍ୟସାଇ ବାବାଙ୍କୁ ଦେଖିବା ପାଇଁ ମରଫେଟ୍‌ଙ୍କ ମନରେ ପ୍ରବଳ ଇଚ୍ଛା ଜାଗ୍ରତ ହେଲା । ପୁଣି ଯେତେବେଳେ ସେ ଶୁଣିଲେ ଯେ, ସତ୍ୟସାଇ ବାବା ସିରିଡି ବାବାଙ୍କ ପର ଅବତାର ସେ ଆଉ ନିଜକୁ ସମ୍ଭାଳିପାରିଲେ ନାହିଁ । ସତ୍ୟସାଇବାବାଙ୍କୁ ଦର୍ଶନ କରିବା ପାଇଁ ତାଙ୍କ ମନ ଅଥୟ ହେଲା । ସେ କିଛି ଦିନ ଉଭୟ ଭାରତରେ ଭ୍ରମଣ କରିବା ପରେ ମାନ୍ଦ୍ରାଜରେ ଥିବା ଥିଓସୋଫିକାଲ ଇଷ୍ଟେଟ୍‌ରେ କିଛିଦିନ ରହିଲେ । ସେଠାକୁ ଦିନେ ଗୈରିକ ବସ୍ତ୍ର ପରିଧାନ କରିଥିବା ଜଣେ ଶ୍ୟାମଳ ବର୍ଣ୍ଣେର ସନ୍ୟାସିନୀ ବୁଲିବାକୁ ଆସିଥିଲେ । ତାଙ୍କ ନାମ ଥିଲା ନିର୍ମଳାନନ୍ଦ । ଏହି ସନ୍ୟାସିନୀ ଶିବାନନ୍ଦଙ୍କ ଠାରୁ ଦିକ୍ଷା ନେଇଥିଲେ । ଶିବାନନ୍ଦ ତାଙ୍କୁ ଏହି ଛଦ୍ମନାମ ନିର୍ମଳାନନ୍ଦ ଦେଇଥିଲେ । ଶିବାନନ୍ଦଙ୍କ ମହାପ୍ରୟାଣ ପରେ ସେ ଆସି ସତ୍ୟସାଇବାବାଙ୍କ ଅନୁଗାମୀ ହୋଇ ପୁଟ୍ଟାପାର୍ତ୍ତିରେ ରହୁଥିଲେ । ସେତେବେଳେ ସତ୍ୟ ସାଇବାବା ମାଦ୍ରାଜ୍ ଆସିଥିଲେ ଓ ତାଙ୍କ ସହ ଆସିଥିବା ଭକ୍ତମାନଙ୍କ ମଧ୍ୟରେ ନିର୍ମଳାନନ୍ଦ ଜଣେ ଥିଲେ । ମରଫେଟ୍‌ଙ୍କ ପତ୍ନୀ ଆଇରିସ୍ ଅସୁସ୍ଥ ଥିବାରୁ ଦୁଇଜଣ ମାତ୍ର ଭକ୍ତ ସାଇବାବାଙ୍କ ଦର୍ଶନ ପାଇଁ ଛିଡା ହୋଇଥିଲେ । କିଛି ମିନିଟ୍ ପରେ କୋଠରୀ କବାଟ୍ ଖୋଲିଲା ଓ ଜଣେ କେହି ବାହାରକୁ ଆସିଲେ । ମରଫେଟ୍ ଆଗରୁ ସତ୍ୟସାଇ ବାବାଙ୍କୁ ବା ତାଙ୍କ ଛବିକୁ ଦେଖି ନଥିବାରୁ ହଠାତ୍ ଚିହ୍ନି ପାରିଲେ ନାହିଁ । ତେବେ ବାବାଙ୍କର ଚର୍ମକାୟ ଶରୀର, କାନ୍ଧରୁ ପାଦଯାଏ ଲାଲ୍ ପୋଷାକ, ମୁଣ୍ଡରେ ଗୋଟାଏ କୁଞ୍ଚୁକୁଞ୍ଚିଆ କେଶ ଥାଇ ହସ ହସ ମୁହଁରେ ଆଗନ୍ତୁକ ତିନିଜଣଙ୍କୁ ଅନେଇ ଧୀର ଗତିରେ ମରଫେଟ୍‌ଙ୍କ ନିକଟକୁ ଆସି କହିଲେ ତୁମେ କଣ ଅଷ୍ଟ୍ରେଲିଆରୁ ଆସିଛ ? ମରଫେଟ, ହଁ କରିବାରୁ ସେ ଦୁଇଜଣ ଭାରତୀୟଙ୍କ ପାଖକୁ ଯାଇ ତେଲୁଗୁରେ କଣ କଥା ହେଲେ ଓ ଶୂନ୍ୟରେ ହାତ ବୁଲେଇ ମୁଠାରେ ବିଭୂତି ସୃଷ୍ଟି କରି ତାଙ୍କୁ ଦୁଇ ଭାଗ କରି ଦୁଇଜଣଙ୍କୁ ପ୍ରଦାନ କଲେ । ସେମାନଙ୍କ ଭିତରୁ ଜଣେ ଭକ୍ତି ଓ ଆନନ୍ଦରେ କାନ୍ଦି ପକାଇଲା । ବାବା ତାର ପୁଅଙ୍କୁ ଏକ ମାରାତ୍ମକ ବ୍ୟାଧିରୁ ଆରୋଗ୍ୟ କରିଥିଲେ । ବାବା ତା ପିଠିରେ ମା'ପରି ହାତ ବୁଲେଇ ଟିକିଏ କଥା ହେଇ ପୁଣି ମରଫେଟ୍‌ଙ୍କ ପାଖକୁ ଆସିଲେ । ତାପରେ ଶୂନ୍ୟରେ ହାତ ବୁଲେଇ ମୁଠାଏ ବିଭୂତି ସୃଷ୍ଟିକରି ମରଫେଟ୍‌ଙ୍କ ହାତରେ ଦେଲେ । ସେ ଏହାକୁ କଣ କରିବେ ଭାବୁଥିବା ବେଳେ ପଛରୁ କିଏ କହିଲା, 'ଖାଇନିଅ ସେଇଟା ସବୁବ୍ୟାଧିକୁ ଦୂର କରିବ । ବାବା ମରଫେଟ୍‌ଙ୍କ ଆଡକୁ ଅନେଇଥିଲେ । ମରଫେଟ୍ ବାବାଙ୍କୁ ପଚାରିଲେ, ମୁଁ ଏଥିରୁ କିଛି ମୋ ପତ୍ନୀଙ୍କ ପାଖକୁ ନେଇ ପାରିବି କି ? ସେ ଅସୁସ୍ଥ ଅଛି ବାବା ମରଫେଟ୍‌କୁ କହିଲେ 'ତାଙ୍କୁ କାଲି ଅପରାହ୍ନ ପାଞ୍ଚଟା ବେଳକୁ ଏଠାକୁ ନେଇ ଆସ ।'' ଏହା କହି ବାବା ଚାଲିଗଲେ ।

ପରଦିନ ଅପରାହ୍ନ ପାଞ୍ଚଟା ବେଳେ ମରଫେଟ୍ ଓ ତାଙ୍କ ପତ୍ନୀ ଆଇରିସ୍ ଆସି ପୂର୍ବଦିନର ସ୍ଥାନରେ ପହଞ୍ଚିଲେ । ବାବା ସେମାନଙ୍କୁ ଦେଖି ମରଫେଟ୍‌ଙ୍କୁ ପଚାରିଲେ ତୁମ ପତ୍ନୀଙ୍କୁ ଆଣିଛତ ? ତାପରେ ବାବା ମରଫେଟ୍ ଦମ୍ପତିଙ୍କୁ ଉପରକୁ ନେଇ ଅନ୍ୟଏକ ଛୋଟ କୋଠରୀରେ ବସେଇଲେ ଏବଂ ଆଇରିସ୍‌ଙ୍କୁ ତାଙ୍କର ସ୍ୱାସ୍ଥ୍ୟ ସମ୍ପର୍କରେ କିଛି କଥା କହିଲେ । ବାବାଙ୍କ କଥାରୁ ବାବା ଆଇରିସ୍‌ଙ୍କ ଅସୁସ୍ଥତା ଓ ତାର ମୂଳ କାରଣ ସବୁ ଜାଣିଥିବା ପରି ମନେ ହେଲେ । ଆଇରିସ୍‌ଙ୍କୁ ସେ ସମ୍ପର୍କରେ ଅନେକ ଉପଦେଶ ଦେଇ ତାପରେ ବାବା ଶୂନ୍ୟରେ ହାତ ବୁଲେଇ କିଛି ବିଭୂତି ଆଣି ଆଇରିସ୍‌ଙ୍କୁ ବାକୁ ଦେଲେ । ତା'ପରେ ବାବା ମରଫେଟ୍‌ଙ୍କ ଆଡକୁ ଆସିଲେ । ତାଙ୍କ ପୋଷାକକୁ ସେ ଦୁଇ କହୁଣି ଉପରକୁ ଉଠେଇ ଦେଲେ ଯେପରି ମରଫେଟ୍ ଭଲଭାବରେ ଦେଖି ପାରିବେ । ତାପରେ ହସି ହସି ଶୂନ୍ୟରେ ହାତ ବୁଲେଇ ବିଭୂତି ବଦଳରେ ନିଜ ମସ୍ତକର ଏକ କ୍ଷୁଦ୍ରଛବି ଆଉ ତାଙ୍କ ଆଶ୍ରମର ପୁରା ଠିକଣା ଲେଖା ହୋଇଥିବା ଏକ କାଗଜ ତାଙ୍କ ହାତକୁ ବଢେଇ ଦେଇ କହିଲେ 'ଏଥିରେ ମୋ ଆଶ୍ରମର ପୁରା ଠିକଣା ଲେଖା ଅଛି । ଏଇଟାତ ତୁମେ ଖୋଜି ବୁଲୁଥିଲ ନୁହେଁ କି ?' ମରଫେଟ୍ କହିଲେ, ''ବାବା ଆମେ ସେଠାକୁକେବେ ଯାଇ ପାରିବୁତ ? ବାବା କହିଲେ 'ଅବଶ୍ୟ ତୁମର ଯେତେବେଳେ ଇଚ୍ଛା ତୁମେ ମାନେ ଆସି ପାରିବ । ସେଇଟା ତୁମର ଘର ।'' (କ୍ରମଶଃ)

# ଓଡ଼ିଆ ଭାଷାର ଭିତ୍ତି ଓ ଭବିଷ୍ୟତ


ସଦାନନ୍ଦ ନାୟକ
ପ୍ରଫେସର, ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ,
ବ୍ରହ୍ମପୁର
ମୋ: ୯୯୩୮୮୨୪୬୪୨

ଅନେକ ବିଦ୍ୱାନ ଲେଖିଛନ୍ତି ଓ ସାଧାରଣରେ ବିଶ୍ୱାସ କରାଯାଏ ଯେ ଓଡ଼ିଆ ଭାଷାର ଜନନୀ ହେଉଛି ସଂସ୍କୃତ । ସଂସ୍କୃତ ଭାଷା କାଳକ୍ରମେ ବଦଳି ପାଲି, ପ୍ରାକୃତ, ଅପଭ୍ରଂଶ ପଥ ଦେଇ ଓଡ଼ିଆ ଭାଷାରେ ପରିଣତ ହୋଇଛି । କୌଣସି ଭାଷା ଉତ୍କୃଷ୍ଟ ରୂପରୁ ନିକୃଷ୍ଟ ରୂପ ଧାରଣ କରେନାହିଁ ବରଂ ନିକୃଷ୍ଟରୁ ଉତ୍କୃଷ୍ଟ ଦିଗକୁ ଗତି କରିବା ଏକ ସ୍ୱାଭାବିକ ପ୍ରକ୍ରିୟା । କୁହାଯାଏ ଆର୍ଯ୍ୟମାନେ ଖ୍ରୀ.ପୂ ୩୦୦୦ ରୁ ଖ୍ରୀ.ପୂ ୧୫୦୦ ମଧ୍ୟରେ ଭାରତକୁ ଆସିଥିଲେ ଆଉ ସେମାନଙ୍କର ଭାଷା ଥିଲା ସଂସ୍କୃତ; ତେବେ ଏଠାରେ ପ୍ରଶ୍ନ ଉଠେ ଆର୍ଯ୍ୟମାନେ ଭାରତକୁ ଆସିବା ପୂର୍ବରୁ ଆଧୁନିକ ଓଡ଼ିଶା ସମେତ ବିହାର, ବଙ୍ଗଳା, ଉତ୍ତରପ୍ରଦେଶ, ପଂଜାବ, କାଶ୍ମୀର ଆଦି ଅଞ୍ଚଳର ଲୋକମାନେ କେଉଁ ଭାଷାରେ କଥାବାର୍ତ୍ତା କରୁଥିଲେ ; ଦ୍ରାବିଡ଼ କି ଅଷ୍ଟ୍ରିକ୍ ତ ନୁହେଁ ନିଶ୍ଚୟ, କାରଣ ଏହି ଭାଷାଗୁଡ଼ିକ ସହିତ ଦ୍ରାବିଡ଼ ବା ଅଷ୍ଟ୍ରିକ ଭାଷା ସେତେଟା ସାମ୍ୟ ରକ୍ଷା କରନ୍ତି ନାହିଁ । ତେଣୁ ନାଟ୍ୟ ଶାସ୍ତ୍ରରେ 'ଉଡ୍ର' ନାମକ ଯେଉଁ ଅପଭ୍ରଷ୍ଟ, ଭ୍ରଷ୍ଟ, ବିଭାଷା ସଂପର୍କରେ କୁହାଯାଇଛି, ବାସ୍ତବରେ ତାହା ହେଉଛି ଏକ ଭାଷା । କାରଣ ''କାବ୍ୟାଦର୍ଶ'' ରେ କୁହାଯାଇଛି ସଂସ୍କୃତ ଭିନ୍ନ ଅନ୍ୟ ସମସ୍ତ ଭାଷା ଅପଭ୍ରଂଶ । ''ପ୍ରାକ୍ କୃତମ ପ୍ରାକୃତ'' ଅର୍ଥାତ୍ ସଂସ୍କୃତ ପୂର୍ବରୁ ଯାହା ସୃଷ୍ଟ ତାହା ପ୍ରାକୃତ ଏବଂ ସଂସ୍କୃତ ହେଉଛି ଏହି ତଥାକଥିତ ପ୍ରାକୃତ ଭାଷାଗୁଡ଼ିକର ଏକ ସଂସ୍କାରିତ ରୂପ । କୁହାଯାଏ ନାଟକ ହେଉଛି ସମାଜର ଦର୍ପଣ । ଏଥିରେ ସମାଜରେ ପ୍ରଚଳିତ ଭାଷାର ପ୍ରତିଫଳନକୁ ଲକ୍ଷ୍ୟ କରାଯିବା ଅତ୍ୟନ୍ତ ସ୍ୱାଭାବିକ । ନାଟ୍ୟଶାସ୍ତ୍ର ଅନୁସାରେ ନାଟକରେ ଅର୍ଥାତ୍ ସଂସ୍କୃତ ନାଟକରେ ୪ ପ୍ରକାର ଭାଷା ପ୍ରଚଳିତ (୧) ଅତିଭାଷା, (୨) ଆର୍ଯ୍ୟଭାଷା, (୩) ଜାତିଭାଷା (୪) ଜାତ୍ୟନ୍ତରି ଭାଷା । ଅତିଭାଷା ଦେବତାଙ୍କ ସଂଳାପରେ, ଆର୍ଯ୍ୟଭାଷା ରାଜା, ସାଧୁ, ବୌଦ୍ଧଭିକ୍ଷୁ, ବେଦପାଠୀ ବ୍ରାହ୍ମଣଂକ ସଂଳାପରେ ବ୍ୟବହୃତ ହେଉଥିବା ସ୍ଥଳେ ଅନ୍ୟ ଚରିତ୍ରମାନଙ୍କ ସଂଳାପରେ ପ୍ରାକୃତ ଭାଷାର ବ୍ୟବହାର କରାଯାଏ । ତେଣୁ ପ୍ରତ୍ୟେକ କାଳରେ ତଥା କଥିତ ପ୍ରାକୃତ, ଭ୍ରଷ୍ଟ, ଅପଭ୍ରଂଶ ଭାଷା ହିଁ ସାଧାରଣ ଜନତାର ଭାଷା ଥିଲା ।

ତେଣୁ ଓଡ଼ିଆ ଭାଷା ବହୁ ପ୍ରାଚୀନ । ଏହାର ଆଦିମ ସ୍ୱରୂପକୁ 'ଚର୍ଯ୍ୟାଗୀତି' ରେ ଲକ୍ଷ୍ୟ କରାଯାଇପାରେ । ସାରଳା ଦାସ, ବଳରାମ ଦାସ, ଜଗନ୍ନାଥ ଦାସ, ଉପେନ୍ଦ୍ର ଭଂଜ, ଗୋପାଳକୃଷ୍ଣ, ବନମାଳୀ, ବଳଦେବ ରଥ, ରାଧାନାଥ ରାୟ, ଫକୀରମୋହନ ସେନାପତି, ଗଙ୍ଗାଧର ମେହେର, ଗୋପୀନାଥ ମହାନ୍ତି, କାହ୍ନୁ ଚରଣ ମହାନ୍ତି, ସଚ୍ଚିଦାନନ୍ଦ ରାଉତରାୟ, ମନୋଜ ଦାସ ଆଦି ମହାନ ସ୍ରଷ୍ଟାଙ୍କ ଲେଖନୀ ମାଧ୍ୟମରେ ବଳିଷ୍ଠ ହୋଇ ଆସିଛି ଓ ଏହା ଏକ ନିରବଚ୍ଛିନ୍ନ ପ୍ରକ୍ରିୟା ।

ଓଡ଼ିଆ ଭାଷାର ମାନକ ରୂପ ବା ମାନକ ଓଡ଼ିଆ ଭାଷା କହିଲେ କୌଣସି ନିର୍ଦ୍ଦିଷ୍ଟ ଅଞ୍ଚଳର ଭାଷା ମଧ୍ୟରେ ଏହାକୁ ସୀମାବଦ୍ଧ କରାଯିବା ଉଚିତ ନୁହେଁ । ଉଦାହରଣସ୍ୱରୂପ ଗୋଟିଏ ଫଳକୁ ନିଆଯାଉ, କେଉଁଠି ଏହାକୁ ବିଦୁଳ, କେଉଁଠି ପିଜୁଳି, କେଉଁଠି ଚାଉଳିଆ ଅଥବା କେଉଁଠି ଏହାକୁ ମାୟା, ଟମରସ୍ ବା ଜାମ୍ ବୋଲି କୁହାଯାଏ । ଏଥିରୁ କେଉଁ ଶବ୍ଦଟିକୁ ମାନକ ଶବ୍ଦ ବୋଲି ଗ୍ରହଣ କରିବା ତେଣୁ ମାନକ ଓଡ଼ିଆ ଭାଷା କହିଲେ ଏକ ସର୍ବଜନବୋଧ ଓଡ଼ିଆ ଭାଷାର ରୂପକୁ ଗ୍ରହଣ କରାଯାଏ । ଅନ୍ୟ ପକ୍ଷରେ ଓଡ଼ିଆ ଭାଷାର ଆଞ୍ଚଳିକ ରୂପକୁ ଉପଭାଷା ନାମରେ ମଧ୍ୟ ନାମିତ କରିବା ଉଚିତ ନୁହେଁ । ଓଡ଼ିଶାର ସମସ୍ତ ଅଞ୍ଚଳର ଭାଷା ହେଉଛି ଓଡ଼ିଆ ଏହାର ଅନେକ ଆଞ୍ଚଳିକ ରୂପ ରହିଅଛି ।

ଏହି ଆଞ୍ଚଳିକ ରୂପ ଓଡ଼ିଆ ଭାଷାର ବୈଶିଷ୍ଟ୍ୟ, ଅଳଙ୍କାର । ଆଜିକାଲି ଗଳ୍ପ, ଉପନ୍ୟାସ, କବିତାରେ ଏହି ରୂପଟି ବ୍ୟବହୃତ ହୋଇ ଓଡ଼ିଆ ସାହିତ୍ୟକୁ ବେଶ୍ ସମୃଦ୍ଧ କରିପାରିଛି । ବେଳେବେଳେ ବୋଧଗମ୍ୟତା ସଂପର୍କରେ କଥା ଉଠେ । ସମ୍ପ୍ରତି ଗମନା ଗମନର ସୁବିଧା, ଛାପା ଗଣ ମାଧ୍ୟମ, ବୈଦ୍ୟୁତିକ ଗଣମାଧ୍ୟମ ଓ ଶିକ୍ଷାର ବିସ୍ତାର ଫଳରେ ଏହି ବାଧା ପ୍ରାୟତଃ ଦୂରୀଭୂତ ହୋଇଗଲାଣି । ଓଡ଼ିଆ ଭାଷା ଓଡ଼ିଶା ପରି ଏକ ବିଶାଳ ଭୂଖଣ୍ଡରେ ପ୍ରଚଳିତ ହୋଇ ବେଶ୍ ସମୃଦ୍ଧଶାଳୀ ହୋଇଛି ।

ଓଡ଼ିଆ ସାହିତ୍ୟ ମଧ୍ୟ ଖୁବ୍ ସମୃଦ୍ଧ । ପ୍ରାଚୀନ ସାହିତ୍ୟ, ମଧ୍ୟଯୁଗୀୟ ସାହିତ୍ୟ ଓ ଆଧୁନିକ ସାହିତ୍ୟ କେଉଁଥିରେ ଓଡ଼ିଆ ସାହିତ୍ୟ ଊଣା ନୁହେଁ । ଭାଷା ଭିତ୍ତିରେ ସମଗ୍ର ଭାରତରେ ପ୍ରଥମ ରାଜ୍ୟ ଭାବରେ ଯେଉଁ ଗୌରବର ଅଧିକାରୀ ହୋଇଥିଲା, ଉଭୟ ଭାଷା ଓ ସାହିତ୍ୟ ଦୃଷ୍ଟିରୁ ସେ ଗୌରବକୁ ଅକ୍ଷୁଣ୍ଣ ରଖି ପାରିଛି ।

ଓଡ଼ିଆ ଲିପି ଅତ୍ୟନ୍ତ ବିଜ୍ଞାନ ସମ୍ମତ । ଓଡ଼ିଆରେ ଯେମିତି ଲେଖାଯାଏ ସେମିତି ପଢାଯାଏ । ଏହି ଲିପିର ଏପରି କ୍ଷମତା ରହିଛି । ପୃଥିବୀର ଯେକୌଣସି ଭାଷାକୁ ଅବିକଳ ନ ହେଲେ ବି ପାଖାପାଖି ଭାବରେ ଏଥିରେ ଲେଖାଯାଇ ପାରିବ । କେତେକ ସଂସ୍କାରର ଅପେକ୍ଷା ରଖୁଥିଲେ ମଧ୍ୟ ଏହାକୁ ପୃଥିବୀର ଅନ୍ୟତମ ବିଜ୍ଞାନସମ୍ମତ ଲିପି ଭାବରେ ଗ୍ରହଣ କରାଯାଇପାରେ ।

ଓଡ଼ିଆ ଭାଷା ଓ ଲିପି ଉପରେ କରାଯାଇଥିବା ଗବେଷଣା ମଧ୍ୟ ସନ୍ତୋଷଜନକ । ବିଭିନ୍ନ ପତ୍ରପତ୍ରିକାରେ ଭାଷା ସଂପର୍କୀୟ ଗବେଷଣାତ୍ମକ ପ୍ରବନ୍ଧ ପ୍ରକାଶିତ ହୋଇ ଏହି ଦିଗଟିକୁ ସମୃଦ୍ଧ କରିପାରୁଛି । କେତେକ ଓଡ଼ିଆ ଭାଷାରେ ସଂକଟ ଦେଖାଯାଇଛି ବୋଲି କହୁଛନ୍ତି । ଯେଉଁ ଦୃଷ୍ଟିରୁ ଓଡ଼ିଆ ଭାଷାରେ ସଂକଟ ଦେଖାଦେଇଛି ବୋଲି କୁହାଯାଉଛି । ତାହା ପୃଥିବୀର ସମସ୍ତ ଭାଷା ପାଇଁ ପ୍ରଯୁଜ୍ୟ, କାରଣ ପୃଥିବୀ ଏବେ ଛୋଟ ଗାଁଟିରେ ପରିଣତ ହୋଇଯାଇଛି । ତେଣୁ ପ୍ରତ୍ୟେକ ଭାଷା ବିଶ୍ୱସ୍ତରର ହେବା ଉଚିତ । ଏହି ତଥାକଥିତ ସଂକଟକୁ ଏକ ଆହ୍ୱାନ ଭାବରେ ଗ୍ରହଣ କଲେ, ଓଡ଼ିଆ ଭାଷା ଅଞ୍ଚଳ ସମୃଦ୍ଧ ହୋଇପାରିବ ।

ଓଡ଼ିଆ ଭାଷା ସରକାରୀ ଭାଷା ରୂପେ ପ୍ରଚଳନକୁ ଅପେକ୍ଷା କରି ରହିଛି । ସରକାରୀ ଭାଷା ରୂପେ ପ୍ରଚଳିତ ହେଲେ ଅନେକ ଅଭାବ ଆପେ ଆପେ ପୂରଣ ହୋଇଯିବ ।

ଓଡ଼ିଆ ଭାଷା ବିଭିନ୍ନ ଦୃଷ୍ଟିକୋଣରୁ ଅତ୍ୟନ୍ତ ସମୃଦ୍ଧ, ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଭାଷାରେ ପରିଗଣିତ ହେବାକୁ ଏହି ଭାଷାର ଯଥେଷ୍ଟ ସାମର୍ଥ୍ୟ ରହିଛି, କେବଳ ଆନ୍ତରିକ ଉଦ୍ୟମ ଲୋଡ଼ା ।

# ଭାଷା ସାହିତ୍ୟର ଅଭିବ୍ୟକ୍ତି


କିଶୋର ଚନ୍ଦ୍ର ଜେନା
ପୂର୍ବତନ ବରିଷ୍ଠ ଅଧିକାରୀ
(ବି.ଏସ୍.ଏନ୍.ଏଲ) ଓ
ଅଧିବକ୍ତା
ମୋ: ୯୪୩୭୦୪୧୩୦୦

ଏହି ଶବ୍ଦ ବିନ୍ୟାସ ମନ୍ତ୍ରମୁଗ୍ଧ କରେ ପ୍ରତ୍ୟେକ ଓଡ଼ିଆର ଅନୁଭୂତିରେ ଏବଂ ପ୍ରାଣରେ । ଏହା ଫଳରେ ଭାବନାର ନୂତନ ଦିଗନ୍ତ ଜନ୍ମ ନିଏ । ଏସବୁ ଉପକ୍ରମ ସାର ହୁଏ ଏବଂ ଭାବନାର ନବଦିଗନ୍ତ ଜନ୍ମ ଲାଭ କରେ କେବଳ କଥାର ଏବଂ ଭାଷାର ବ୍ୟବହାରରେ । କବିର ଓ ଲେଖକର ମନର ଅନୁଭୂତି ପ୍ରକାଶିତ ହୁଏ ନୂତନ ଭାଷା ମାଧ୍ୟମରେ । ସେହିପରି ଶହ ଶହ କବି ଏବଂ କବୟିତ୍ରୀମାନଙ୍କର ମନର ଅନୁଭୂତି ପ୍ରସ୍ଫୁଟିତ ହୁଏ ସାହିତ୍ୟ ମାଧ୍ୟମରେ ଏବଂ ଏହି ସାହିତ୍ୟ ଭାଷାର ପ୍ରକ୍ରିୟାକରଣ ଫର୍ଦ୍ଦମାନଙ୍କରେ ନିବନ୍ଧଯୁକ୍ତ ହୁଏ । ଏହା ଫଳରେ ଭାଷା ପରିପୁଷ୍ଟ ହେବାରେ ଲାଗେ । ଉଦାହରଣ ସ୍ୱରୂପ କବିର କାବ୍ୟିକ ମନର କଥା ଯଥା କେରାକେରା ଅନ୍ଧାର, ଫିକାଫିକା ଜ୍ୟୋସ୍ନାଧାରା, ଥାକଥାକ ସଜଡ଼ା ସ୍ମୃତି ତା ଆସ ରୂପକ ମନର ଅନୁଭୂତିର କାବ୍ୟିକ ପରିପ୍ରକାଶ ଆଉ ବ୍ୟକ୍ତିଗତ ନ ହୋଇ, ତାହା ଚାଲିଯାଏ ସମସ୍ତ ଭାଷାଭାଷୀଙ୍କ ନିକଟକୁ ଏବଂ ଏହା ଓଡ଼ିଆ ଭାଷାରେ ପରିଗଣିତ ହୁଏ । ସେହିପରି ଓଡ଼ିଆ ସମ୍ବାଦପତ୍ରରେ ସାହିତ୍ୟିକ, ପ୍ରାବନ୍ଧିକ ଏ ଗାଳ୍ପିକମାନଙ୍କର ନୂତନ ନୂତନ ଭାଷାର ଶବ୍ଦ ବିନ୍ୟାସ, ସଂଯୋଜନା, ଶବ୍ଦ ଚାତୁରୀ ବିଭିନ୍ନ ଖବରକାଗଜରେ ପ୍ରକାଶ ପାଉଛି । ସେଗୁଡ଼ିକ ସବୁ ତିଷ୍ଠି ପାରୁନାହିଁ । କାବ୍ୟିକ ସର୍ଜନା ମୁଖ୍ୟତଃ ବର୍ଣ୍ଣନାତ୍ମକ । ସମ୍ବାଦପତ୍ର, ବୈଷୟିକ ପୁସ୍ତକ ବା ପାଠ୍ୟଗ୍ରନ୍ଥଗୁଡ଼ିକର ସର୍ଜନା ବୌଦ୍ଧିକ ବିକାଶ ମୂଳକ । ଏହା ଭାଷାକୁ ପୁଷ୍ଟ କରୁଛନ୍ତି । ଚିନ୍ତା, ଚେତନା ଓ ଅନୁଭୂତିକୁ ପ୍ରକଟ କରୁଛନ୍ତି । ତେଣୁ ଏସବୁକୁ ଦେଖିଲେ, ଆମେ ନିଃସନ୍ଦେହରେ କହିପାରିବା ସାହିତ୍ୟ ଭାଷାର ମୁଖପତ୍ର ।

ସାହିତ୍ୟ ଭାଷାର ମୁଖ୍ୟ ସୃଜନଶୀଳ ଅଙ୍ଗ । ଭାଷାର ସମୃଦ୍ଧି ଏବଂ ସୃଜନଶୀଳତାରେ ସାହିତ୍ୟ ମୁଖ୍ୟ ଭୂମିକା ନିର୍ବାହ କରେ । ସାହିତ୍ୟ ସୃଷ୍ଟିରେ ଭାଷାର କଳେବର ସମୃଦ୍ଧି ସହିତ ଏହାର ପ୍ରସାରରେ ଜାତୀୟତାର ନିଗଢ଼ ବନ୍ଧନ ଓ ଐକାତ୍ମ୍ୟ ପ୍ରତିଷ୍ଠା ଲାଭ କରେ । ଭାଷା ସ୍ୱାଭାବିକ ଭାବେ ସୃଜନଶୀଳ । ବିଭିନ୍ନ ଲୋକଙ୍କର ଭାଷାର ପରିପ୍ରକାଶ ଭିନ୍ନ ଏବଂ ଧ୍ୟାନ ଦେଲେ ବୁଝିହେବ ଯେ ସେମାନଙ୍କର କଥାବାର୍ତ୍ତାରେ ନୂତନତ୍ୱ ଭରି ରହିଛି । ସେ ଦୃଷ୍ଟିରୁ କବି, ଅକବି ନିର୍ବିଶେଷରେ ପ୍ରତ୍ୟେକ ଭାଷାଭାଷୀ ଜଣେ ଜଣେ ସ୍ରଷ୍ଟା ଭାବରେ ପରିଗଣିତ ହୁଅନ୍ତି । କବିମାନଙ୍କର କାବ୍ୟିକ ଶବ୍ଦ ବିନ୍ୟାସ ପୃଥକ୍ ପୃଥକ୍ ଭାବେ ରୂପ ନିଏ ସାହିତ୍ୟରେ । ଏହି ଶବ୍ଦ ବିନ୍ୟାସ ମନ୍ତ୍ରମୁଗ୍ଧ କରେ ପ୍ରତ୍ୟେକ ଓଡ଼ିଆର ଅନୁଭୂତିରେ ଏବଂ ପ୍ରାଣରେ । ଏହା ଫଳରେ ଭାବନାର ନୂତନ ଦିଗନ୍ତ ଜନ୍ମ ନିଏ । ଏସବୁ ଉପକ୍ରମ ସାର ହୁଏ ଏବଂ ଭାବନାର ନବଦିଗନ୍ତ ଜନ୍ମ ଲାଭ କରେ କେବଳ କଥାର ଏବଂ ଭାଷାର ବ୍ୟବହାରରେ । କବିର ଓ ଲେଖକର ମନର ଅନୁଭୂତି ପ୍ରକାଶିତ ହୁଏ ନୂତନ ଭାଷା ମାଧ୍ୟମରେ । ସେହିପରି ଶହ ଶହ କବି ଏବଂ କବୟିତ୍ରୀମାନଙ୍କର ମନର ଅନୁଭୂତି ପ୍ରସ୍ଫୁଟିତ ହୁଏ ସାହିତ୍ୟ ମାଧ୍ୟମରେ ଏବଂ ଏହି ସାହିତ୍ୟ ଭାଷାର ପ୍ରକ୍ରିୟାକରଣ ଫର୍ଦ୍ଦମାନଙ୍କରେ ନିବନ୍ଧଯୁକ୍ତ ହୁଏ । ଏହା ଫଳରେ ଭାଷା ପରିପୁଷ୍ଟ ହେବାରେ ଲାଗେ । ଉଦାହରଣ ସ୍ୱରୂପ କବିର କାବ୍ୟିକ ମନର କଥା ଯଥା କେରାକେରା ଅନ୍ଧାର, ଫିକାଫିକା ଜ୍ୟୋସ୍ନାଧାରା, ଥାକଥାକ ସଜଡ଼ା ସ୍ମୃତି ତା ଆସ ରୂପକ ମନର ଅନୁଭୂତିର କାବ୍ୟିକ ପରିପ୍ରକାଶ ଆଉ ବ୍ୟକ୍ତିଗତ ନ ହୋଇ, ତାହା ଚାଲିଯାଏ ସମସ୍ତ ଭାଷାଭାଷୀଙ୍କ ନିକଟକୁ ଏବଂ ଏହା ଓଡ଼ିଆ ଭାଷାରେ ପରିଗଣିତ ହୁଏ । ସେହିପରି ଓଡ଼ିଆ ସମ୍ବାଦପତ୍ରରେ ସାହିତ୍ୟିକ, ପ୍ରାବନ୍ଧିକ ଏ ଗାଳ୍ପିକମାନଙ୍କର ନୂତନ ନୂତନ ଭାଷାର ଶବ୍ଦ ବିନ୍ୟାସ, ସଂଯୋଜନା, ଶବ୍ଦ ଚାତୁରୀ ବିଭିନ୍ନ ଖବରକାଗଜରେ ପ୍ରକାଶ ପାଉଛି । ସେଗୁଡ଼ିକ ସବୁ ତିଷ୍ଠି ପାରୁନାହିଁ । କାବ୍ୟିକ ସର୍ଜନା ମୁଖ୍ୟତଃ ବର୍ଣ୍ଣନାତ୍ମକ । ସମ୍ବାଦପତ୍ର, ବୈଷୟିକ ପୁସ୍ତକ ବା ପାଠ୍ୟଗ୍ରନ୍ଥଗୁଡ଼ିକର ସର୍ଜନା ବୌଦ୍ଧିକ ବିକାଶ ମୂଳକ । ଏହା ଭାଷାକୁ ପୁଷ୍ଟ କରୁଛନ୍ତି । ଚିନ୍ତା, ଚେତନା ଓ ଅନୁଭୂତିକୁ ପ୍ରକଟ କରୁଛନ୍ତି । ତେଣୁ ଏସବୁକୁ ଦେଖିଲେ, ଆମେ ନିଃସନ୍ଦେହରେ କହିପାରିବା ସାହିତ୍ୟ ଭାଷାର ମୁଖପତ୍ର ।

ସାହିତ୍ୟ ମଧ୍ୟ ମୁଖ୍ୟଭୂମିକା ଲିଭାଏ ଭାଷାର ପରିପ୍ରକାଶ ନିମିତ୍ତ । ଅର୍ଥାତ୍ ସାହିତ୍ୟ ମାଧ୍ୟମରେ ହିଁ ଭାଷା ପ୍ରସାର ଲାଭ କରେ । ସାହିତ୍ୟ ଦୁଇ ଦୁଇ ଭାଗରେ ବିଭକ୍ତ- (୧) ତଥ୍ୟାତ୍ମକ, (୨) କଳ୍ପନାତ୍ମକ । ଇତିହାସ, ଭୂଗୋଳ, ସାଧାରଣ ବିଜ୍ଞାନ ଠାରୁ ଆରମ୍ଭ କରି ଯାବତୀୟ ପାଠ୍ୟ ବିଷୟ ହେଉଛି ତଥ୍ୟାତ୍ମକ । ଇତିହାସ, ଭୂଗୋଳ, ସାଧାରଣ ଜ୍ଞାନର ପୁସ୍ତକ ବି ଭାଷାର ପରିପ୍ରକାଶ । ଏଗୁଡ଼ିକ ଅଧ୍ୟୟନ କରିବାରେ ପାଠ୍ୟ ଓ ପାଠକ ମଧ୍ୟରେ ଯେଉଁ ଭାବବିନିମୟ ହୁଏ, ତାହା ତଥ୍ୟର । ଚେରାପୁଞ୍ଜି କେଉଁଠାରେ ଅବସ୍ଥିତ ଏବଂ ଏହି ସ୍ଥାନ କ'ଣ ପାଇଁ ପ୍ରସିଦ୍ଧି ଲାଭ କରିଛି ଏହା ହେଉଛି ତଥ୍ୟଭିତ୍ତିକ । ଅପରପକ୍ଷରେ ସୃଜନଶୀଳ ସାହିତ୍ୟ କାଳ୍ପନିକ । ଏଥିରେ ତଥ୍ୟ ଗୌଣ ଭୂମିକା ଗ୍ରହଣ କରିଥାଏ । ମୁଖ୍ୟ ହେଉଛି ଏହାର କାଳ୍ପନିକତା, ଭୂଗୋଳ ବହିରେ ଚିଲିକା ହ୍ରଦ ଓ ରାଧାନାଥଙ୍କ ଚିଲିକା କାବ୍ୟ ଦୁଇଟି ଭିନାତ୍ମକ । ଗୋଟିଏ ତଥ୍ୟାତ୍ମକ ଏବଂ ଅନ୍ୟଟି କାଳ୍ପନିକ ସୌନ୍ଦର୍ଯ୍ୟର ବର୍ଣ୍ଣନ ।

ସାହିତ୍ୟ ସୃଷ୍ଟି ସୌନ୍ଦର୍ଯ୍ୟ ଭାବ, ଆନନ୍ଦ ଭାବ, କଳା ଓ ସଂସ୍କୃତିର ମହନୀୟତା, ପୁରାଣ, ମହାଭାରତ ଏବଂ ରାମାୟଣର ଗୁଢ଼ ତଥ୍ୟ ଏବଂ ଆମ ସଂସ୍କୃତିର ମହନୀୟତା, ଆମ ପର୍ବପର୍ବାଣୀର ମହନୀୟତା ଆଦି ଭାବ । କିନ୍ତୁ ବର୍ତ୍ତମାନ ଦେଖାଯାଉଛି ଯେ, କଥା କଥିତ ପ୍ରାଥମିକ ଶିକ୍ଷା ସାହିତ୍ୟିକ ଚେତନା ସୃଷ୍ଟି କରିବାରେ ବିଫଳଗାମୀ ହୋଇଛି । ଏପରିକି ପ୍ରାଚୀନ ଚାଟଶାଳୀ ଯୁଗରେ ପ୍ରାଥମିକ ଶିକ୍ଷା ଯେଉଁ ପରିମାଣରେ ବା ଯେଉଁ ଭାବରେ ସାହିତ୍ୟିକ ଉଦାରତା ସୃଷ୍ଟି କରିବାରେ ସଫଳ ହୋଇଥିଲା, ବର୍ତ୍ତମାନ ଯୁଗରେ ତା'ର ଅଭାବ ପରିଲକ୍ଷିତ ହେଉଛି । ଉଦାହରଣ ସ୍ୱରୂପ ରଜପର୍ବ ଆମ ସଂସ୍କୃତିର ଏକ ମହନୀୟ କୃଷିଭିତ୍ତିକ ପର୍ବ । ଏହି ପର୍ବରେ କେତେଗୁଡ଼ିଏ ଲୋକମାନଙ୍କର ବୋଲି ଗୀତ ଯଥା 'ବନସ୍ତେ ଡାକିଲା ଗଜ, ମୋ ଭାଇ ମସ୍ତକେ ସୁନା ମୁକୁଟ' ପରି ଗୀତ ଲୋପ ପାଇବାରେ ଲାଗିଲାଣି । କିନ୍ତୁ ବର୍ତ୍ତମାନର ସାହିତ୍ୟ ଏହା ଶିକ୍ଷା ନା ସାହିତ୍ୟ, ସୃଷ୍ଟିର ଅନୁକୂଳ ନା ସାହିତ୍ୟିକ ଗ୍ରାହକତାର - ଯେଉଁଠାରେ ସାହିତ୍ୟ ନାହିଁ, ସୌନ୍ଦର୍ଯ୍ୟ ନାହିଁ, ଆନନ୍ଦ ନାହିଁ, ରସ ନାହିଁ ଏବଂ କଳା ମଧ୍ୟ ନାହିଁ । ଚାଟଶାଳୀ ଯୁଗରେ ପିଲାଙ୍କୁ ଯେଉଁ ସାହିତ୍ୟ ଦିଆଯାଉଥିଲା ପଢ଼ିବାକୁ - ସେ ଗୋପୀଭାଷା ହେଉ କି ପଞ୍ଚତନ୍ତ୍ର ହେଉ, ସେଥିରେ କଳ୍ପନାତ୍ମକ ଚିନ୍ତାଧାରା ଥିଲା । କିନ୍ତୁ ଆଜିର ପ୍ରଚାରତ୍ମକ ବା ପ୍ରଚାରମୂଳକ ପ୍ରାଥମିକ ସାହିତ୍ୟ ଶିଶୁର ସେଇ ପ୍ରବୃତ୍ତିକୁ ଦମନ କରୁଛି ।

ଆମ ଭାରତୀୟ କାବ୍ୟବାଦ - ଅନୁସାରେ ସାହିତ୍ୟର ପ୍ରଧାନ ରସ ହେଉଛି ଏହାର ଧ୍ୱନି ଗୁଣ, ଅର୍ଥାତ୍ ଯେଉଁ ଗୁଣ ଦ୍ୱାରା ସାହିତ୍ୟର ରସ ଉଦ୍ଭାସିତ ହୋଇଥାଏ । ସେ ରସଧ୍ୱନି ପିଲାଙ୍କ ମନରେ ବସି ଯାଉଥିଲା । ପିଲାମାନେ ମଧ୍ୟ ଖେଳିଲା ବେଳେ, ଶୌଚ ସମୟରେ ସେ ମାଧୁର୍ଯ୍ୟଭରା, ରସଭରା କବିତା ଆବୃତ୍ତି କରୁଥିଲେ । ଏବେ ସେ ବିଦଗ୍ଧ ପାଠକମାନଙ୍କର ଘୋର ଅଭାବ । ଏବେ କବି ତା'ର ଭରସା ହରାଇଛି ପାଠକଙ୍କ ବିଦଗ୍ଧତା ଉପରେ, ଫଳରେ ସାହିତ୍ୟର ସର୍ବୋଚ୍ଚ ସୌନ୍ଦର୍ଯ୍ୟ ଧ୍ୱନିଗୁଣ ସାହିତ୍ୟରେ ଆଉ ଦେଖାଯାଉନାହିଁ । ବିଗତ ବର୍ଷମାନଙ୍କରେ ଲୋକେ ଯଦି ଲାବଣ୍ୟବତୀ, ବିଦଗ୍ଧ ଚିନ୍ତାମଣି ବା ସୁଭଦ୍ରା ପରିଣୟ ବୁଝିପାରୁଥିଲେ, ବର୍ତ୍ତମାନ ଓଡ଼ିଆମାନେ କାହିଁକି କଥା କଥିତ ଆଗଧାଡ଼ିର କବିମାନଙ୍କର କବିତାକୁ କ୍ଲିଷ୍ଟ ଭାବରେ ଗ୍ରହଣ କରୁଛନ୍ତି । ଫଳରେ ଲୋକମାନେ ଆସ୍ତେ ଆସ୍ତେ ସାହିତ୍ୟ ପ୍ରତି ବିମୁଖ ହେଉଛନ୍ତି । ଆମର ପାଲା, ଦାଶକାଠିଆ, ନବରଙ୍ଗୀ, ଗୋଟିପୁଅ ଏବଂ ନୃତ୍ୟନାଟିକା ଆଦି ଲୋପ ପ୍ରାୟ ।

ରାଜ୍ୟ ଆଜି ପ୍ରଥମ ଆନ୍ତର୍ଜାତିକ ଭାଷା ସମ୍ମିଳନୀ ଆୟୋଜନ କଲା, ଏହା ବହୁତ ଗର୍ବର ବିଷୟ ଏବଂ ଖୁସିର ବିଷୟ ମଧ୍ୟ । କିନ୍ତୁ ଏହି ସଭାରେ ପ୍ରଥମରେ ଯେପରି ଜଣେ ଓଡ଼ିଶାର ସୁନାମଧନ୍ୟ କବିଙ୍କର ନାମକୁ ବାରମ୍ବାର କାନ୍ତକବି ପରିବର୍ତ୍ତେ କଣ୍ଠ କବି ବୋଲି ସମ୍ବୋଧନ କରାଗଲା ଏବଂ ପ୍ରଯୋଜିକାଙ୍କର ବିଭିନ୍ନ ଜାଗାରେ ଭାଷାର ଅଶୁଦ୍ଧିକରଣ ସମସ୍ତ ଓଡ଼ିଆଙ୍କ ମନରେ ଆଘାତ ଦେଇଛି । ଏହା କ'ଣ ପ୍ରିୟା ପ୍ରୀତି ତୋଷଣର ଏକ ଜ୍ୱଳନ୍ତ ଉଦାହରଣ ନୁହେଁ କି ? ସାହିତ୍ୟରେ ଚାବିକାଠି ଆଜି କେତେଜଣ ପ୍ରଭାବଶାଳୀ ବଡ଼ପଣ୍ଡାମାନଙ୍କ ହାତରେ । ଏପରି ସୃଜନଶୀଳତା ସାହିତ୍ୟରେ ଏହାର ଗାରିମା, ଶାସ୍ତ୍ରୀୟତାର ମାନ ହରାଇ ବସିବା ସଙ୍ଗେ ସଙ୍ଗେ ଭାଷା ସାହିତ୍ୟର ଅଭିବ୍ୟକ୍ତିର ମୁଖ୍ୟ ଅଂଶ ଭାବରେ ପଦବାଚ୍ୟ ହେବନାହିଁ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ



ସ୍ମିତା ପଣ୍ଡା

# ସୁନି ହେଲା ସୁନାଝିଅ



ସୁନି ଓ ମୁନି ଦୁଇ ଯାଆଁଳା ଭଉଣୀ ଏକା ଶ୍ରେଣୀରେ ପଢନ୍ତି । ସୁନି ବହୁତ ଭଲ ପଢ଼େ ଓ ଶ୍ରେଣୀରେ ପ୍ରଥମ ହୁଏ । ମୁନି ଭଲ ପଢ଼ିଲେବି ସୁନି ପରି ଶ୍ରେଣୀରେ ପ୍ରଥମ ହୋଇପାରେନାହିଁ । କିନ୍ତୁ ଘରେ ବାପା ମାଆଙ୍କୁ ଛୋଟ ଛୋଟ କାମରେ ସାହାଯ୍ୟ କରେ । ଜେଜେବାପା ଜେଜେ ମାଆ ଯାହା କହନ୍ତି କରିଦିଏ । ପଡ଼ୋଶୀ ମାନଙ୍କୁ ଯଥାରୀତି ସମ୍ମାନ ଦେଖାଏ । ସାଙ୍ଗସାଥୀ ମାନଙ୍କ ସହ ମିଳିମିଶି ଖେଳେ, ଉତ୍ତମ ସମ୍ପର୍କ ରକ୍ଷା କରେ । ଘରର ଗୃହପାଳିତ ପଶୁ ମାନଙ୍କର ଯତ୍ନ ନିଏ, ଆଦର କରେ । ଘର, ଦାଣ୍ଡ, ଅଗଣା ପରିଷ୍କାର ପରିଚ୍ଛନ୍ନ ରଖେ । ଜିନିଷ ପତ୍ର ସଜାଡ଼ି ରଖେ ।

ଦିନେ ସୁନି ଓ ମୁନିଙ୍କୁ ବହୁତ ଜ୍ୱର ହେଲା । ଉଭୟ ଆଉ ବିଦ୍ୟାଳୟ ଯାଇ ପାରିଲେନାହିଁ । ବିଛଣାରେ ଶୋଇ ରହିଲେ । ବାପା ମାଆ ଦୁଇ ଝିଅଙ୍କର ବହୁତ ସେବା ଶୁଶ୍ରୁଷା କଲେ ।

ସାଇପଡିଶା ମୁନିକୁ ନଦେଖିବାରୁ ଘରେ ଆସି ମୁନି କୁଆଡେ ଗଲା ବୋଲି ପଚାରିଲେ । ଜେଜେମା ଜେଜେବାପା ମୁନି ମୁନି ବୋଲି ଟିକେ ଟିକେ କଥାରେ ଡାକ ପକାଇଲେ । ଘରର ଗୃହ ପାଳିତ ପଶୁପକ୍ଷୀ ମୁନିକୁ ନଦେଖି ଖୋଜି ହେଲେ ଆଉ ଭଲରେ ଖାଇଲେ ନାହିଁ । ସାଙ୍ଗସାଥି ମୁନିର ଦେହ କେମିତି ଅଛି ବୋଲି ପଚାରି ଆସିଲେ । ଏସବୁ ଦେଖି ସୁନି ମନ ଦୁଃଖ ହେଲା । ଦେହ ଭଲ ହେବାପରେ ଦିନେ ସେ ମାଆଙ୍କୁ ପଚାରିଲା, ସମସ୍ତେ ମୁନିକୁ ଏତେ ଖୋଜୁଛନ୍ତି କିନ୍ତୁ ତାକୁ କେହି ଖୋଜୁ ନାହାନ୍ତି କାହିଁକି ? ମାଆ ବୁଝାଇଦେଲେ ମୁନି ଗୁରୁଜନ ମାନଙ୍କୁ ଉପଯୁକ୍ତ ସମ୍ମାନ ଦେଉଛି, ସମସ୍ତଙ୍କୁ ସାହାଯ୍ୟ କରୁଛି, ସାଙ୍ଗ ସାଥିଙ୍କ ସହ ମିଳି ମିଶି ଚଳୁଛି, ପଶୁପକ୍ଷୀଙ୍କ ଯତ୍ନ ନେଉଛି ତେଣୁ ତାକୁ ସମସ୍ତେ ଭଲ ପାଉଛନ୍ତି ଓ ଖୋଜୁଛନ୍ତି । ଏସବୁ ଶୁଣି ସୁନି ମନ ପରିବର୍ତ୍ତନ ହେଲା । ସେ ମଧ୍ୟ ଗୁରୁଜନ ମାନଙ୍କୁ ଉପଯୁକ୍ତ ସମ୍ମାନ ଦେଖାଇଲା, ସମସ୍ତଙ୍କୁ ସାହାଯ୍ୟ କଲା, ସାଙ୍ଗସାଥି ସହ ମିଶି ଚଳିଲା । ଘର ପଶୁପକ୍ଷୀଙ୍କ ଯତ୍ନ ନେଲା ଓ ନିଜ ପରିବେଶ ସଫାସୁତୁରା ରଖିଲା । ଏହା ଦେଖି ସମସ୍ତେ ସୁନିକୁ ମଧ୍ୟ ଭଲ ପାଇଲେ ଓ ତାକୁ ସୁନା ଝିଅଟିଏ ବୋଲି କହିଲେ ।

*ନରସିଂହପୁର, କଟକ*
*ଫୋନ-୭୦୦୮୨୪୩୬୭୨*

# ବିଦ୍ୟାଦାୟିନୀ ମା' ଦେବୀ ସରସ୍ୱତୀ

*ପ୍ରଫୁଲ୍ଲ କୁମାର ସାହୁ*



ବିଦ୍ୟାଦାୟିନୀ ମା' ଦେବୀ ସରସ୍ୱତୀ
ଦିଅ ବିଦ୍ୟା ବୁଦ୍ଧି କରୁଛୁ ବିନତି
ଦିଅ ହେ ଆଶିଷ ଢ଼ାଳି,
ପାଇଲେ ତୁମରି ସେ ଦିବ୍ୟ ଆଶିଷ
ଆଗକୁ ପାରିବୁ ଚଳି । ୧

ଅଜ୍ଞାନ କୁ ତୁମେ ଦିଅ ଦିବ୍ୟ ଜ୍ଞାନ
ତୁମ ପଦେ ଯିଏ ଢାଳେ ମନପ୍ରାଣ
ମନରେ ଭକତି ନେଇ,
ଭାଷା ସାହିତ୍ୟର କରେ ସେ ଉନ୍ନତି
ସାଧନାରେ ସିଦ୍ଧି ପାଇ । ୨

ମାଘ ମାସ ଶୁକ୍ଳ ଶ୍ରୀ ପଞ୍ଚମୀ ଦିନ
ଭକତିରେ କରି ତୁମ ଆବାହନ
ପିଲାଏ ଏକାଠି ମିଳି,
ସାଥୀଙ୍କ ମେଳରେ କରିଥାନ୍ତି ପୂଜା
(ତୁମ) ପଦେ ଦେଇ ପୁଷ୍ପାଞ୍ଜଳି । ୩

ଯିଏ ପାଇଛନ୍ତି ତୁମରି ଆଶିଷ
ମାନସ ସନ୍ତାନ ତୁମ କାଳିଦାସ
ଯାହଙ୍କ ଲେଖାକୁ ପଢି,
କେତେ ସୁସନ୍ତାନ ପାରିଛନ୍ତି ଦେଖ
ଜୀବନେ ଆଗକୁ ବଢ଼ି । ୪

ଆହେ ବିଦ୍ୟାଦାତ୍ରୀ କରୁଛୁ ବିନତି
ଦୁଇ କର ଯୋଡି ଜଣାଉ ପ୍ରଣତି
ଚରଣରେ ପାତି ମଥା,
ଜୀବନ ପଥରେ ଆଗେଇବା ପାଇଁ
ମନେ ଦିଅ ନୂଆ ଚିନ୍ତା । ୫

*ଯଦୁ ମାଳତୀ କୃପା ନିବାସ, ଶକ୍ତି ବିହାର, ବାଲିପଡା, ମାହାଙ୍ଗା, କଟକ - ୭୫୪୨୦୭*
*ମୋ- ୭୬୦୯୦୪୪୩୮୩*



# ନମୋ ନମୋ ସରସ୍ୱତୀ

*ରାମଚନ୍ଦ୍ର ବେହେରା*

ମାଘ ମାସ ଶୁକ୍ଳ ପଞ୍ଚମୀ ତିଥିରେ
ଆସିବେ ମା' ବୀଣାପାଣି
ବିଦ୍ୟା ବୁଦ୍ଧି ଜ୍ଞାନ ସରାଗେ ବାଣ୍ଟିବେ
ଆମ ମନ କଥା ଜାଣି
ତାଙ୍କ ପୂଜାବିଧି ହେବ
ବିଦ୍ୟାଳୟ ଆମ ଅପୂର୍ବ ସଜାରେ
ସଭିଙ୍କ ମନ ମୋହିବ
ଧବଳ ବସନ ପିନ୍ଧିଥିବେ ମାତା
ବୀଣା ପୁସ୍ତକକୁ ଧରି
ଅତି ଶରଧାରେ ସଭିଙ୍କ ପରାଣେ
ବିଦ୍ୟା ବୁଦ୍ଧି ଦେବେ ଭରି
ଅଜ୍ଞାନତା ଦୂର ହେବ
ମାତାଙ୍କ ଦୟାରୁ ଚତୁରତା ପଣ
ହୃଦୟରେ ବିରାଜିବ
ମାତାଙ୍କ କୃପାରୁ ମୂର୍ଖ କାଳିଦାସ
ପଣ୍ଡିତରେ ଗଣା ହେଲେ
ସଂସ୍କୃତ ଭାଷାରେ ବହୁ ଶାସ୍ତ୍ର ଲେଖି
ଜଗତେ ନାଆଁ ରଖିଲେ
ଏତିକି ବିନତୀ ଆମ
ବିଦ୍ୟା ନଆସିଲେ କଣ୍ଠେ ବସି ମାଆ
କାମନା କରିବ ପୂର୍ଣ୍ଣ
ଶିଶୁ ବୋଲି ଆମେ ଦୂରେଇ ଦେବାନି
ବିପଦୁ କରିବ ପାରି
ମଧୁର ସ୍ୱଭାବ ସତ୍ୟ ନ୍ୟାୟ ଧର୍ମ
ହୃଦୟରେ ଦେବ ଭରି
ନମୋ ନମୋ ସରସ୍ୱତୀ
କରୁଣାରେ ତୁମ ଭିଜାଇ ଦେବ ମା'
ଆମେ ତୁମ ଛାତ୍ର ଛାତ୍ରୀ ।

*ତେନ୍ତୁଳିପଦା, ଜଗତସିଂହପୁର*
*ମୋ- ୭୩୫୫୬୩୪୩୪୬*



# ହେବି ମୁଁ ଏକ ଉତ୍ତମ ଛାତ୍ର

*କବିରତ୍ନ ନୂତନ କୁମାର ବେହେରା*



ବିଦ୍ୟାଳୟ ପୁଣ୍ୟ ଶିକ୍ଷାକ୍ଷେତ୍ର
ପଠନ ମୋହର ମୂଳମନ୍ତ୍ର,
ଧ୍ୟାନରେ ଏକାଗ୍ର ରଖି ନେତ୍ର
ହେବି ମୁଁ ଏକ ଉତ୍ତମ ଛାତ୍ର

ସ୍ମରଣେ ରଖି ପାଠର ସୂତ୍ର
ସୁନ୍ଦର ଭାବେ ଆଙ୍କିବି ଚିତ୍ର,
ସ୍ୱଚ୍ଛ ସୁନ୍ଦର କରି ଚରିତ୍ର
ବାପା ମା'ର ହେବି ସୁପୁତ୍ର

ସାଙ୍ଗ ସାଥିରେ ପଢ଼ି ଏକତ୍ର
ସଭିଙ୍କୁ ମଣିବି ମୋର ମିତ୍ର,
ମନକୁ ରଖି ଶାନ୍ତ ପବିତ୍ର
ହେବି ମୁଁ ଏକ ଉତ୍ତମ ଛାତ୍ର

ଶୃଙ୍ଖଳା ଅଟଇ ମୋର ଅସ୍ତ୍ର
ପ୍ରାଞ୍ଜଳ କରି ବୁଝିବି ଶାସ୍ତ୍ର,
ସତ୍ୟ କଥା କହିବି ସର୍ବତ୍ର
ସବୁରି ହେବି ମୁଁ ପ୍ରିୟପାତ୍ର

ହୋଇ ଶାନ୍ତ ଶିଷ୍ଟ ନମ୍ର ଭଦ୍ର
ନିଷ୍ଠାରେ ରହିବି ଦିବାରାତ୍ର,
ଏଇ ମୋର ଲକ୍ଷ୍ୟ ଏକମାତ୍ର
ହେବି ମୁଁ ଏକ ଉତ୍ତମ ଛାତ୍ର ।

*କୋହି, ବାରିପଦା, ମୟୂରଭଞ୍ଜ*
*ଦୂରଭାଷ- ୮୦୧୮୩୫୩୩୨୨*

# ନିରୁତ୍ସାହିତ କରିବା ନାହିଁ

*ସନ୍ତୋଷ କୁମାର ଅଦାବର*



ଉପକାରୀ ଚାରାଟିଏ ବଞ୍ଚିବାକୁ
ଖୋଜୁଥାଏ ଯଦି ରାହା
ରକ୍ଷଣାବେକ୍ଷଣ କରି ପାଣି ଦେଇ
ଯତନ କରିବ ଆହା
ବୃକ୍ଷ ହୋଇ ଦେବ ଫୁଲ, ଫଳ, ଢାଳ
ଅବା ଦେବ ସିଏ ଛାଇ
ସିଏ ଆମ ପ୍ରାଣ ଦିଏ ଅମ୍ଳଜାନ
ମନେ ରଖିଥାଅ ଭାଇ
ବାୟୁମଣ୍ଡଳକୁ ଶୀତଳ ରଖେ ସେ
ଗ୍ରୀଷ୍ମ ତାପ ଠାରୁ ଜାଣ
ତାହା ଯୋଗୁଁ ବୃଷ୍ଟିପାତ ହୁଏ ଭାଇ
ବହୁ ଉପକାରୀ ଆମ
ଚାରା ସମ ଅଟେ ଆଜିର ଶିଶୁଟି
ଅଛି ତା'ର କେତେ ସ୍ୱପ୍ନ
ଉତ୍ସାହିତ କରି ଗଢ଼ିବା ତାହାକୁ
ଅଟଇ ଆମର କାମ
'ନ ପାରିବା' ଶବ୍ଦ ତା' ଆଗେ କହିକି
କରନି ନିରୁତ୍ସାହିତ
ଯା' ପାଖେ ଯେତିକି ପ୍ରତିଭା ରହିଛି
କରିବା ହେ ଉଜ୍ଜୀବିତ
ଆଜିର ଶିଶୁ ଯେ ଆସନ୍ତାକାଲିର
ହୋଇବ ସୁନାଗରିକ
ଦେଶ ଜାତି ପାଇଁ ମନ ପ୍ରାଣ ଦେଇ
କରିବ କାର୍ଯ୍ୟ ଅନେକ ।



*ସହକାରୀ ଶିକ୍ଷକ,*
*ବୀରମହାରାଜପୁର, ସୁବର୍ଣ୍ଣପୁର*
*ମୋ-୯୭୭୭୯୧୦୭୨୮*

# ଆମର ଓଡ଼ିଶା ଆମ ମାତୃଭାଷା

*ମିନାକ୍ଷୀ ଦ୍ୱିବେଦୀ*



ଶୁଣ ଆହେ ମିତ, ଶୁଣରେ ସଂଗାତ
ମନରେ ଉତ୍କଣ୍ଠା ଭରି,
ଆମର ଓଡ଼ିଶା, ଆମ ମାତୃଭାଷା
ନୁହେଁ କେ ତା' ସମ ସରି

ଆମର ଐତିହ୍ୟ, ଆମ ପରମ୍ପରା
ଯାଉଛିରେ ଉହ୍ୟ ହୋଇ,
ଓଡ଼ିଆ ଆତ୍ମାରେ ଓଡ଼ିଆ ଭାବନା
ଭରି ଦେବା ସାଥୀ ହୋଇ

କବି ଲକ୍ଷ୍ମୀକାନ୍ତ, ଫକିର ମୋହନ
ଗଙ୍ଗାଧର, ଭଞ୍ଜ ଭାଇ,
ନନ୍ଦକିଶୋର ବଳ, ମଧୁସୂଦନ
ରାଧାନାଥ, ଭୀମ ଭୋଇ

ଯଦୁମଣି, ପଞ୍ଚସଖା ଓ ସରଳା
ସଞ୍ଜିବନୀ ମନ୍ତ୍ର ନେଇ,
ଓଡ଼ିଶାର ଯଶ ରଖିଲେ ବିଶ୍ୱରେ
ହସିଲା ଜନମ ଭୂଇଁ

ଦିବ୍ୟ ଚେତନାରେ ଜୀବନ ସଂଚାରୀ
ବୁହାଇଲେ ସ୍ରୋତସ୍ୱିନୀ,
କେତେ କବିବର, ଲେଖକ ଲେଖିକା
ଗଲେ ମନ, ପ୍ରାଣ ଜିଣି

ମୋ ଭାଷାର ସ୍ୱାଦ, ମୋ ଭାଷା ବୈଚିତ୍ର୍ୟ
ପିତା ଜୟ ଜଗନ୍ନାଥ,
ସେ ମହାପ୍ରସାଦ ବଡ଼ ଲୋଭନୀୟ
ଅଟଇ ବିଶ୍ୱ ବିଖ୍ୟାତ

କାୟ ମନୋ ବାକ୍ୟେ ଆଦରି ଯେ ନେବା
ଓଡ଼ିଶାର ରୀତି ନୀତି,
ଜୀବ ଥିବା ଯାଏଁ ଭୁଲିବାନି କେବେ
ଆମ ଭାଷା, ଆମ କୀର୍ତ୍ତି

ହେଲେ ବା ପ୍ରବାସୀ, ହେଲେ ଅନ୍ତର୍ବାସୀ
ଓଡ଼ିଆ ଭୁଲିବା ନାହିଁ,
ସଜାଗ ରହିବା, ତତ୍ପର ହୋଇବା
ବାଣୀର ବିକାଶ ପାଇଁ ।

*ନିଉ ଦିଲ୍ଲୀ*
*ମୋ- ୭୯୭୮୦୮୨୮୩୪*

# କର ତୁ ଜ୍ଞାନ ହାସଲ

*ସୁରମା ମିଶ୍ର*



ପରୀକ୍ଷା ଆସୁଛି ପାଖେଇ
ପାଠ ପଢ଼ ମନ ଲଗାଇ
ଅବହେଳା କେବେ ପାଠରେ ନକର
ମାଆ କହୁଛନ୍ତି ବୁଝାଇ

ପାଠ ତ ଅମୂଲ ମୂଲ
କିଏ ହେବ ତାର ତୁଲ
ଜ୍ଞାନର ଭଣ୍ଡାର ଅଟଇ ତା ଠାରୁ
କର ତୁ ଜ୍ଞାନ ହାସଲ

ଶିକ୍ଷକଙ୍କ ଉପଦେଶଟି
ମନେ ରଖିଥିବୁ ସଦାଟି
ଯାହା ନ ବୁଝିବୁ ବୁଝାଇ ଦେବେ ସେ
ମନେ ରଖିଥା ଏ କଥାଟି

ଅଳସୁଆମିକୁ ଛାଡ଼ିବୁ
ସଅଳ ଶେଯରୁ ଉଠିବୁ
ପରିଶ୍ରମ କରି ପାଠଟି ପଢ଼ିଲେ
ସୁଫଳ ନିଶ୍ଚୟ ପାଇବୁ

ଦିନ ଗଡି ଗଡି ଯିବ
ଅପେକ୍ଷା ସେ ନ କରିବ
ଚାହୁଁ ଚାହୁଁ ଆସି ପରୀକ୍ଷା ଦିନଟି
ତୁରନ୍ତ ପହଞ୍ଚି ଯିବ

ବିଚଳିତ ତୁ ନ ହେବୁ
ମନକୁ ଦୃଢ଼ କରିବୁ
ସ୍ଥିର ରଖି ମନ ପ୍ରଶ୍ନପତ୍ର ପଢ଼ି
ଖାତାରେ ଉତ୍ତର ଲେଖିବୁ

ପ୍ରଭୁ ପଦେ ଦେଇ ଧ୍ୟାନ
ଗୁରୁଙ୍କୁ କରି ପ୍ରଣାମ
ସୁସ୍ଥ ମନ ନେଇ ପରୀକ୍ଷା ଦେବୁରେ
ଶୁଣ ମୋର ସୁନା ଧନ ।

*ବିଏଲ-୩୯, ଭିଏସଏସ ନଗର,*
*ଭୁବନେଶ୍ୱର*
*ମୋ-୯୮୫୩୩୪୩୯୬୫*

# ଆମେ ଭୁଲିଯିବା

*କୀର୍ତ୍ତନ ସାହୁ*



ଆମେ ଭୁଲିଯିବା ଆମରି ଭିତରେ
ଥିବା ମତାନ୍ତର ଅଭିଯୋଗକୁ
ଆମେ ଜଡି ଯିବା କାମରେ ଆମର
ହାତ ବଢ଼ାଇବା ସହଯୋଗକୁ

ଆମେ ଭୁଲିଯିବା ଭେଦ ଭାବ ଆଉ
ପାତର ଅନ୍ତର ଆମ ଭିତରେ
ସବୁ ମଣିଷ ତ ସମାନ ଏଠିରେ
ଏଇ କଥା ପରା ଗାଇ ଗୀତରେ

ଆମେ ଭୁଲିଯିବା ପର ଆପଣାର
ସଭିଙ୍କୁ ନିଜର କରି ନେବାରେ
ଦୂରେ ଦୂରେ ଯିଏ ଯେତେ ରହିଲେ ବି
ଆପଣାର ତାକୁ କରି ନେବାରେ

ଆମେ ଭୁଲିଯିବା ରାଗ ହିଂସା ଈର୍ଷା
କୋମଳ ମଧୁର କଥା କହିବା
ଦୟା କ୍ଷମା ପ୍ରେମ ହୃଦୟେ ଆଚରି
ଶାନ୍ତି କୁଟୀରରେ ଆମେ ରହିବା

ଆମେ ଭୁଲିଯିବା ଅନ୍ୟାୟ ଅନୀତି
ଅସତ୍ୟ ଅପ୍ରୀତି ଅତ୍ୟାଚାରକୁ
ସୁନ୍ଦର ସମାଜ ଗଢି ତୋଳିବାରେ
ହୃଦୟେ ଆଚରି ସଦାଚାରକୁ ।

*ମିଶ୍ର କଲୋନୀ, ଶାଳ ପଡ଼ା, କେନ୍ଦୁଝର*
*ଦୂରଭାଷ- ୯୪୩୮୪୧୪୭୦୧*

# ଭଳି କି ଭଳି

*ରାମ ଚନ୍ଦ୍ର ପ୍ରଧାନ*



ଭଳି କି ଭଳି କେତେ ଯେ' ପକ୍ଷୀ
ଉଡ଼ି ବୁଲନ୍ତି ନଭେ
ଭଳି କି ଭଳି ଗାଡ଼ି ମଟରୁ
ନାନା ଶବଦ ଶୁଭେ
ଭଳି କି ଭଳି ସବୁଜ ଗଛ
ଜଙ୍ଗଲେ ଶୋଭା ପାଏ
ଭଳି କି ଭଳି ଆଇ ମା' ଗପ
ନିଦେ ଶୁଆଇ ଦିଏ
ଭଳି କି ଭଳି ପରଜା ପତି
ଫୁଲରୁ ଫୁଲ ଉଡ଼େ
ଭଳି କି ଭଳି ହାଣ୍ଡି ମାଠିଆ
କୁମ୍ଭାର ଭାଇ ଗଢ଼େ
ଭଳି କି ଭଳି ଶିଶୁର ହସ
ମନେ ଜଗାଏ ଖୁସି
ଭଳି କି ଭଳି ଫୁଲ ମହକ
ପବନେ ଯାଏ ମିଶି
ଭଳି କି ଭଳି ଝୋଟି ମୁରୁଜ
ଆହା କି' ଶୋଭା ଦିଶେ
ଭଳି କି ଭଳି କାଗଜ ଡ଼ଙ୍ଗା
ପାଣି ସୁଅରେ ଭାସେ ।



*ଶିକ୍ଷକ, ଟେକ୍ନିକାଲ*
*ହାଇସ୍କୁଲ,ଆସିକା,ଗଞ୍ଜାମ*
*ମୋ:୯୮୬୧୬୩୮୭୩୬*

# ପରୀକ୍ଷା ବାଟେ ପରୀକ୍ଷା ଯିବ

*ଡ. ଦୀପକ କୁମାର ମିଶ୍ର*



ଲଢୁଛୁରେ ଆମେ ଜୀବନ ଯୁଦ୍ଧ
ଲଗେଇ ଜୀବନ ବାଜି
ଅନେକ ପରୀକ୍ଷା ନିତି ଦେଉଛୁ
ସୈନିକଟିଏ ସାଜି

ଡରିବା ନାହିଁ ପାଠ, ପରୀକ୍ଷା
ରଖିବାନି ମନେ ଚାପ
ଜୀବନ ନୁହେଁ ଖାଲି ନମ୍ବର ଖେଳ
ଛାଡ଼ିଯିବ କେତେ ଛାପ

ମଣିଷଟିଏ ପରି ମଣିଷ ହେବାକୁ
ପଢ଼ୁଛେ ଯେ ଆମେ ପାଠ
ନଭାଳି ଡିଲେ ହାରଜିତ କଥା
ଚାଲିବା ଜୀବନ ପଥ

ମଣିଷ ପ୍ରାଣ ଅମୂଲ୍ୟ ଅଟେ
ଠାକୁରଙ୍କ ଶ୍ରେଷ୍ଠ କୃତି
ଛାର ପରୀକ୍ଷାକୁ ଡରିବା ନାହିଁ
ଏ ସମୟ ଯିବ ବିତି

ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ
ସଫଳତା, ବିଫଳତା
ଆଜି ଯାହାକୁ ତୁମେ ବିଫଳ କୁହ
କାଲି ଛୁଇଁଥାଏ ଶିଖରତା

ଗୋଳମାଳିଆ ଗୋଲକଧନ୍ଦାରେ
ପଶିବା ନାହିଁ ଜମା
ପରୀକ୍ଷା ବାଟେ ତ ପରୀକ୍ଷା ଯିବ
ଗାଇ ନାଚିବା ଝମଝମା ।

*ଭୁବନେଶ୍ୱର*
*ମୋ- ୮୨୮୦୨୧୧୦୦୦*

# ଆମେ ସୁନା ଝରାଫୁଲ

*ନଳିନୀ ଦାଶ*

ଦେଶ ବଗିଚାରେ ଫୁଟି ମହକୁଛୁ
ଆମେ ସୁନା ଝରାଫୁଲ
ଆମରି ମହକ ଖେଳାଇ ଧରାରେ
ହୋଇବୁ ଅମୂଲମୂଲ
ଆଜି ସିନା ଆମେ ଛୋଟ ଶିଶୁ ଅଛୁ
କାଲି ହେଇଯିବୁ ବଡ଼
ମନ ପ୍ରାଣ ଢାଳି କରି ଯିବୁ କାମ
ଜିଣିଯିବୁ ଆମେ ଗଡ଼
ସତ ପଥେ ନିତି ଚାଲୁଥିବୁ ଆମେ
ଜ୍ଞାନଦୀପ ଦେବୁ ଜାଳି
ଯେତେ ବାଧା ଆସୁ ଜୀବନେ ଆମର
ବିପଦକୁ ଦେବୁ ଟାଳି
ଭାରତ ମାତାର ସେବା କରି ଆମେ
ଉଡ଼ାଇବୁ ଦେଶେ ଯଶ
ଆମକାମ ଦେଖି ପିତା ମାତାଙ୍କର
ଓଠରେ ଫୁଟିବ ହସ
କୁନି କୁନି ଫୁଲ ନାଚି ନାଚି ଖେଳୁ
ହସ ଆମ ମଧୁଝରା
ମିଠା ଗୀତ ଗାଇ ଖୁସି କରିଦେବୁ
ଆମେ ଟିକିଟିକି ତାରା
ଭାବନାହିଁ କୁନି ବଡ଼ ହୋଇ ଦିନେ
ଉଚ୍ଚେ ରଖିଥିବୁ ମଥା
ଆମରି ମହକେ ହସିବ ରାଇଜ
ଦେଶ ଗାଉଥିବ ଗାଥା ।

*ଭିକାରିପଡା, ଶରଣକୁଳ, ନୟାଗଡ଼*
*ଦୂରଭାଷ- ୬୩୭୦୦୯୫୨୪୧*

# ଖୁସି



**ସତ୍ୟନାରାୟଣ ପ୍ରଧାନ**

ପିଲାଟି ସ୍କୁଲ ଗଲା ବେଳେ କାନ୍ଧରେ ପକାଇଥିବା ଚିରା ଶାର୍ଟ ଜରି ଭିତରେ ସିଲଟ ହେଉ କି ଖଡ଼ିର ଦେଖା ଦର୍ଶନ ନଥିଲା । ତାକୁ ସାଙ୍ଗରେ ଧରି ଆସିବାକୁ କହିବାରୁ ଖାଲି ମୁହଁକୁ ଚାହିଁ କାନ୍ଦୁଥିଲା ।

ସ୍କୁଲ ଛୁଟି ପରେ ସନ୍ଧ୍ୟା ଯାଇ ରାତି ହେଲା ବାପାକୁ ତାର କିଣିବା କଥା କହି ଶୋଇ ପଡ଼ିଥିଲା । ପର ଦୋକାନରେ ଚାହା ଗିଲାସ ଧୋଇ ସେଥିରୁ ଯାହା ମିଳୁଥିଲା ଦିନରେ ଦୁଇ ଓଳି ମୁଠେ ଖାଇବା ମଧ୍ୟ କଷ୍ଟକର ବ୍ୟାପାର ଥିଲା ।

ସେ କାମ କରୁଥିବା ଦୋକାନ ନିକଟରେ ଗୋଟେ ପୁରୁଣା ବହି ଦୋକାନଟିଏ ଥିଲା । ନିଜକୁ ଛୋଟ ମନେ କରି ସିଲଟ କିଣିବା ପରେ ବାକି ଟଙ୍କା ଦେବା କଥା କହିବାକୁ ତାକୁ କେଜାଣି କାହିଁ ଟିକେ ଅଡୁଆ ଲାଗୁଥିଲା । ଯାହାହେଉ ପଛେ ପୁଅକୁ ତାର ନିଶ୍ଚୟ ଆଣି ଦେବ ବୋଲି ମନରେ ନିଷ୍ପତି ନେଇଥିଲା । ଖରାବେଳ ସମୟ ହୋଇଥିବାରୁ ବାହାନା କରି ବହି ଦୋକାନକୁ ଚାଲି ଯାଇଥିଲା । ମାଲିକ ତାକୁ ଆଗରୁ ଜଣେ ସଚ୍ଚୋଟ ବୋଲି ଜାଣିଥିବାରୁ ନଜର ରଖିବାକୁ କହି ପାଣି ବୋତଲ ଭରିବା ପାଇଁ ବାହାରକୁ ଯାଇଥିଲା । ଲୋକଟି ସଂପୂର୍ଣ୍ଣ ଏକା ଥିବାରୁ ଚାହୁଁଥିବା ଜିନିଷ ଆଖି ଆଗରେ ପାଇ ନେବାକୁ ମନ କଲାବେଳେ ଛାତି ତଳେ ଲୁଚି ରହିଥିବା ତାର ତାକୁ ବିବେକ ବାରମ୍ବାର ମନା କରୁଥିଲା । ସେପଟେ ପୁଅର କାନ୍ଦୁରା ମୁହଁଟା ନାଚି ଉଠିଥିଲା । ସେ କିଛି ଭାବି ନ ପାରି ବହି ଯାଉଥିବା ଲୁହକୁ ପୋଛି ପକେଇ ଥିଲା ।

ମାଲିକ ପାଣି ଆଣିବା ପରେ ତାର ଶୁଖିଲା ମୁହଁକୁ ଦେଖି ଘଟଣା ଜାଣିବାକୁ ପଚାରି ବୁଝି ବିଫଳ ହୋଇଥିଲେ । ଦୋକାନଟି ବହୁତ ଦିନ ଆଗରୁ ସଫା ହୋଇ ନଥିବାରୁ ସେ ଲୋକଟିକୁ ଦୋକାନ ଜିନିଷ ପତ୍ର କିଛି ସଜାଡ଼ି ରଖିବାକୁ ତା ପିଠିରେ ହାତ ମାରି କହିଥିଲେ । ସେ ତାଙ୍କ କଥାକୁ କାଟି ନପାରି କହିବା ଅନୁସାରେ ସବୁ କିଛି ଠିକ୍ ଭାବେ ପାଳନ କରିବାକୁ ଆଗେଇ ଆସିଥିଲା । ମାଲିକ ତାର ପରିଶ୍ରମ ଦେଖି ତାକୁ ପଚାଶ ଟଙ୍କା ଖର୍ଚ୍ଚ କରିବାକୁ ତା ହାତରେ ବଢାଇ ଦେଇ ମୁରୁକି ହସି ଦେଇଥିଲେ । ସେ ଟଙ୍କା ହାତରେ ପାଇ ଖୁସିରେ ପାଗଳ ହୋଇ ଯାଇଥିଲା ଆଉ ପାଇଥିବା ଟଙ୍କାରେ ଗୋଟେ ସିଲଟ କିଣି ରାତିରେ ଘରକୁ ଫେରିଥିଲା । ପୁଅ ହାତରେ ସିଲଟ ପାଇଥିବାରୁ ମନରେ ତାର ଉଙ୍କି ମାରିଥିବା ଅସରନ୍ତି ଖୁସି ଆଗରେ ତାର ଦିନ ମାନର ଖଟଣି କଷ୍ଟ କୁଆଡେ ଉଭାଇ ଯାଇଥିଲା । ସେ ରାତିରେ ଶୋଇଲାବେଳେ ଭଗବାନଙ୍କୁ ପ୍ରଣାମ କରି ଆଉ ଗୋଟେ ନୂଆ ସକାଳକୁ ବିଶ୍ୱାସର ଅପେକ୍ଷା କରିଥିଲା ।

*ଅଣ୍ଟିଆ, ଜେନାପୁର,*
*ଯାଜପୁର-୭୫୫୦୨୩*
*ମୋ-୯୧୭୮୩୧୩୬୪୪*

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର,୦୮ ଫେବୃୟାରୀ, ଗୁରୁବାର,୨୦୨୪


# ବଢ଼ିବାରେ ଲାଗିଛି ଇଶାନ କିଷନଙ୍କ ମୁସ୍କିଲ



**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ ଦଳର ଉଦୀୟମାନ ୱିକେଟ କିପର ବ୍ୟାଟର ଇଶାନ କିଷନଙ୍କୁ ନେଇ ଲାଗି ରହିଥିବା ରହସ୍ୟ ଆହୁରି ଘନୀଭୂତ ହେବାରେ ଲାଗିଛି। ବିସ୍ଫୋରକ ବ୍ୟାଟର ଇଶାନ କିଷନ କେଉଁଠି ? ସେ କ୍ରିକେଟ କାହିଁକି ଖେଳୁ ନାହାନ୍ତି ? କିଶନଙ୍କ ଭାରତୀୟ ଦଳକୁ କେବେ ପ୍ରତ୍ୟାବର୍ତ୍ତନ ଘଟିବ ? ଏହି ପ୍ରଶ୍ନ କ୍ରିକେଟ ପ୍ରଶଂସକଙ୍କଠୁ ନେଇ ପୂର୍ବତନ କ୍ରିକେଟରଙ୍କ ମନରେ ଉଙ୍କି ମାରୁଛି। ହେଲେ ଦଳର ମୁଖ୍ୟ ପ୍ରଶିକ୍ଷକ ରାହୁଲ ଦ୍ରାବିଡ଼ ସ୍ପଷ୍ଟ କରିଛନ୍ତି ଯେ, ଇଶାନଙ୍କୁ ଭାରତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିବାକୁ ହେଲେ କିଛି ଘରୋଇ ମ୍ୟାଚ ତ ଖେଳିବାକୁ ପଡ଼ିବ। ଏହା ସତ୍ତ୍ୱେ ବି ଇଶାନ ଏ ପର୍ଯ୍ୟନ୍ତ ଝାଡ଼ଖଣ୍ଡ ପକ୍ଷରୁ କୌଣସି ରଣଜୀ ମ୍ୟାଚ୍ ଖେଳି ନାହାନ୍ତି। ତେଣୁ ଇଂଲଣ୍ଡ ବିପକ୍ଷ ଅବଶିଷ୍ଟ ୩ଟି ମ୍ୟାଚ୍‌ରେ କିଷନଙ୍କ ଦଳକୁ ଫେରିବାର ସମ୍ଭାବନା ବହୁତ କମ୍ ରହିଛି।

ଇଶାନ କିଷନଙ୍କୁ ନେଇ ସାରା ବିବାଦ ଦକ୍ଷିଣ ଆଫ୍ରିକା ଗସ୍ତରୁ ଆରମ୍ଭ ହୋଇଛି। ମାନସିକ ଫିଟ୍‌କୁ ଦୃଷ୍ଟିରେ ରଖି କିଷନ ଭାରତୀୟ ଦଳରୁ କିଛି ସମୟ ବିଶ୍ରାମ ମାଗିଥିଲେ। ଏହା ପରେ ସେ ଦକ୍ଷିଣ ଆଫ୍ରିକାରୁ ଭାରତକୁ ଫେରି ଆସିଥିଲେ। ନିୟମିତ ଭଲ ପ୍ରଦର୍ଶନ ସତ୍ତ୍ୱେ ବି ଚୂଡ଼ାନ୍ତ ଏକାଦଶରେ ସ୍ଥାନ ନ ମିଳିବାରୁ ସେ ଅସନ୍ତୁଷ୍ଟ ଥିବା ଅନେକ ରିପୋର୍ଟ ପ୍ରକାଶ ପାଇଥିଲା। ଏହା ପରେ ଆଫଗାନିସ୍ତାନ ବିପକ୍ଷ ଟି-୨୦ ଓ ପୁଣି ଇଂଲଣ୍ଡ ବିପକ୍ଷ ପ୍ରଥମ ଦୁଇଟି ଟେଷ୍ଟରେ ଇଶାନଙ୍କୁ ଦଳରେ ସ୍ଥାନ ମିଳିନି। ଏହା ପରେ ଇଶାନଙ୍କୁ ନେଇ ବିତର୍କ ଆରମ୍ଭ ହୋଇଯାଇଛି।

ଭାରତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିବାକୁ ହେଲେ ଇଶାନ କିଷନଙ୍କ ନିକଟରେ ଏକ ମାତ୍ର ବିକଳ୍ପ ରଣଜୀ ମ୍ୟାଚ୍ ଖେଳିବା। ହେଲେ ଇଶାନ ଫେବୃଆରୀ ୯ରୁ ଝାଡ଼ଖଣ୍ଡର ଶେଷ ରଣଜୀ ମ୍ୟାଚ୍ ଖେଳୁ ନ ଥିବା ଜଣାପଡ଼ିଛି। ଏମିତି ହେଲେ ଇଶାନଙ୍କ ଭାରତୀୟ ଦଳକୁ ଫେରିବାର ରାସ୍ତା ଆହୁରି ମୁସ୍କିଲ ହୋଇଯିବ। ଇଶାନଙ୍କ ପାଖରେ ଟେଷ୍ଟ ମ୍ୟାଚ୍ ଖେଳିବାର ଭଲ ସୁଯୋଗ ଥିଲା କାରଣ ବର୍ତ୍ତମାନ କେଏସ୍ ଭରତ ବାରମ୍ବାର ବିଫଳ ହେଉଛନ୍ତି। ଭରତଙ୍କ ଦଳରୁ ବାଦ୍ ପଡ଼ିବାର ସମ୍ଭାବନା ଅଧିକ ରହିଛି। ଏବେ ଇଶାନଙ୍କ ଅନୁପସ୍ଥିତିରେ ଧ୍ରୁବ ଜୁରେଲଙ୍କୁ ପଦାର୍ପଣ କରିବାର ସୁଯୋଗ ମିଳିପାରେ। କିଶନ ଆଇପିଏଲ ଜରିଆରେ କ୍ରିକେଟକୁ ପ୍ରତ୍ୟାବର୍ତ୍ତନ କରି ପାରନ୍ତି।

## ଆଇସିସି ଟେଷ୍ଟ ର୍‍ୟାଙ୍କିଂ

# ଶୀର୍ଷ ସ୍ଥାନ କବ୍‌ଜା କଲେ ବୁମ୍‌ରା

**ନୂଆଦିଲ୍ଲୀ**

ବିଶାଖାପାଟନମରେ ଇଂଲଣ୍ଡର ବଜାଇଲେ ବ୍ୟାଣ୍ଡ। ଆଇସିସି ର୍‍ୟାଙ୍କିଂରେ ବୁମ୍‌ରାଙ୍କୁ ମିଳିଲା ବଡ଼ ଉପହାର। ଏବେ ଟେଷ୍ଟ ର୍‍ୟାଙ୍କିଂରେ ଶୀର୍ଷ ସ୍ଥାନ କବ୍‌ଜା କଲେ ଭାରତର ଷ୍ଟାର ଦ୍ରୁତ ବୋଲର। ବିଶାଖାପଟନମ୍ ଟେଷ୍ଟରେ ଦଳକୁ ବିଜୟୀ କରିଥିବା ଜଶ୍‌ପ୍ରୀତ ବୁମ୍‌ରା ହୋଇଛନ୍ତି ଦୁନିଆର ନମ୍ବର ୱାନ ଟେଷ୍ଟ ବୋଲର। ଆଇସିସି ର୍‍ୟାଙ୍କିଂରେ ଅଶ୍ୱିନଙ୍କୁ ପଛରେ ପକାଇ ହାସଲ କରିଛନ୍ତି ଏହି ସ୍ଥାନ। ବିଶାଖାପାଟନମ ଟେଷ୍ଟରେ ବୁମ୍‌ରା ମୋଟ୍ ୯ ୱିକେଟ ନେଇଥିଲେ, ଯାହାର ଲାଭ ତାଙ୍କୁ ଆଇସିସି ର୍‍ୟାଙ୍କିଂରେ ମିଳିଛି।

୮୮୧ ରେଟିଂ ପଏଣ୍ଟ ସହ ର୍‍ୟାଙ୍କିଂର ଶୀର୍ଷରେ ବୁମ୍‌ରା ତେବେ ଅଶ୍ୱିନଙ୍କୁ ଦୁଇ ସ୍ଥାନ ହରାଇବାକୁ ପଡ଼ିଛି। ସଦ୍ୟ ର୍‍ୟାଙ୍କିଂରେ ସେ ତୃତୀୟ ସ୍ଥାନରେ ଅଛନ୍ତି। ଏହି ଘୋଷଣା ସହ ଇତିହାସ ରଚିଛନ୍ତି ବୁମ୍‌ରା। ଏହି ଉପଲବ୍ଧି ହାସଲ କରିବାରେ ସେ ହେଉଛନ୍ତି ପ୍ରଥମ ଭାରତୀୟ ଦ୍ରୁତ ବୋଲର। ତାଙ୍କ ପୂର୍ବରୁ କେହି ଏହା କରିପାରି ନଥିଲେ। ଭାରତ ପାଇଁ ଖେଳି ଆର. ଅଶ୍ୱିନ, ରବିନ୍ଦ୍ର ଜାଡ଼େଜା ଏବଂ ବିଶନ ସିଂ ବେଦୀ ଟେଷ୍ଟରେ ନମ୍ବର ୱାନ ବୋଲର ହୋଇଥିଲେ କିନ୍ତୁ ସମସ୍ତେ ହେଉଛନ୍ତି ସ୍ପିନର।



କେବଳ ଏହା ନୁହେଁ ତିନୋଟି ଯାକ ଫର୍ମାଟରେ ନମ୍ବର ୱାନ୍-୧ ହେବାରେ ବୁମ୍‌ରା ବିଶ୍ୱର ପ୍ରଥମ ବୋଲର। ଟେଷ୍ଟ ପୂର୍ବରୁ ସେ ଦିନିକିଆ ଏବଂ ଟି-୨୦ରେ ବି ଏକ ନମ୍ବର ବୋଲର ହୋଇସାରିଛନ୍ତି। ଏବେ ଟେଷ୍ଟରେ ଏକ ନମ୍ବର ବୋଲର ହୋଇ ରଚିଛନ୍ତି ଇତିହାସ। ଏହାସହ ବିରାଟ କୋହଲିଙ୍କ ଖାସ୍ କ୍ଲବରେ ହୋଇଛନ୍ତି ସାମିଲ। ବିରାଟଙ୍କ ପରେ ଏସିଆର ଦ୍ୱିତୀୟ ଖେଳାଳି ଭାବେ ସେ ତିନି ଫର୍ମାଟରେ ନମ୍ବର ୱାନ ସ୍ଥାନ ହାସଲ କରିଛନ୍ତି। ବୁମ୍‌ରା ନିଜ ଟେଷ୍ଟ କ୍ୟାରିୟରରେ ଆଜି ସୁଦ୍ଧା ୩୪ଟି ମ୍ୟାଚ୍‌ରୁ ୨୦.୧୦ ବୋଲିଂ ଆଭେରଜେରେ ୧୫୫ ୱିକେଟ ନେଇଛନ୍ତି। ସେହିପରି ୮୯ଟି ଦିନିକିଆରେ ୧୪୯ ଏବଂ ଟି-୨୦ରେ ୬୨ମ୍ୟାଚରୁ ୭୪ ୱିକେଟ ହାସଲ କରିଛନ୍ତି।

# ମା' ଜାଗୁଲାଇ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଜଗନ୍ନାଥପୁର ଚାମ୍ପିଅନ



**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**

ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ୍ ଅନ୍ତର୍ଗତ ଗରାମ ପଞ୍ଚାୟତ ଅଲଣା ଗ୍ରାମରେ ମା' ଜାଗୁଲାଇ କ୍ରିକେଟ ପଡ଼ିଆରେ ତୃତୀୟଥର ପାଇଁ ଏକ ଟେନିସ ବଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ମୁଖ୍ୟ ଅତିଥି ଭାବେ ଭାରତୀୟ ଜନତା ପାର୍ଟି ଗ୍ରାମ ପଞ୍ଚାୟତର ପଞ୍ଚାୟତ ପ୍ରମୁଖ ପ୍ରଶାନ୍ତ କୁମାର ପଣ୍ଡା ଉଦ୍‌ଘାଟନ କରିଥିବା ବେଳେ ପୁରସ୍କାର ବିତରଣ ଉତ୍ସବରେ ଶିକ୍ଷାବିତ୍ ସୁଶାନ୍ତ କୁମାର ନାୟକ ଓ ନରୋତ୍ତମ ପଲାଇ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ମୋଟ୍ ୮ ଟିମ୍ ଭାଗ ନେଇଥିବା ବେଳେ ସେଥିରୁ ଜଗନ୍ନାଥପୁର ଓ ଭାରିଷୋଳ ଟିମ୍ ମଧ୍ୟରେ ଫାଇନାଲ ଖେଳାଯାଇଥିଲା। ଫାଇନାଲ ମ୍ୟାଚ୍‌ରେ ଭାରିଷୋଳକୁ ହରାଇ ଜଗନ୍ନାଥପୁର ବିଜୟୀ ହୋଇଥିଲା। ଫାଇନାଲରେ ବିଜୟୀ ଟିମ୍‌କୁ ୧ ହଜାର ୨ ଶହ ଟଙ୍କା ସହିତ ଟ୍ରଫି ଓ ଉପବିଜେତା ଟିମ୍‌କୁ ଟ୍ରଫି ସହିତ ୮ ଶହ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ଅମ୍ପାଆର ଭାବେ ନାରାୟଣ ପଲାଇ, ପବିତ୍ର ପାତ୍ର, ଚନ୍ଦନ ମଲ୍ଲିକ ଉପସ୍ଥିତ ଥିଲେ। ତୃତୀୟ ଥର ଅନୁଷ୍ଠିତ ହୋଇଥିବା ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟକୁ ଦେଖା ପାଇଁ ହଜାର ହଜାର ଦର୍ଶକ ଉପସ୍ଥିତ ରହି ଖେଳକୁ ଉପଭୋଗ କରିବା ସହିତ ଟୁର୍ଣ୍ଣାମେଣ୍ଟ ଆୟୋଜିତ ନେଇ ଖୁସି ପ୍ରକାଶ କରିଥିଲେ। ଆଗାମୀ ଦିନରେ ଆଉ ଏକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜିତ କରିବା ପାଇଁ କ୍ରୀଡ଼ାପ୍ରେମୀମାନେ ଦାବି କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ ମା' ଜାଗୁଲାଇ କ୍ରିକେଟ କ୍ଲବ୍‌ର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହିବା ସହିତ ସାହାଯ୍ୟ ସହଯୋଗ କରିଥିଲେ।

# ୧୯ରୁ କମ୍ ବିଶ୍ୱକପରେ ଭାରତକୁ ଫାଇନାଲରେ ପହଞ୍ଚାଇଥିବା ଉଦୟ ସହରନ କିଏ ?

**ରାଜସ୍ଥାନ**

୧୯ବର୍ଷରୁ କମ୍ ବିଶ୍ୱକପରେ ଭାରତର ଅଧିନାୟକ ଦାୟିତ୍ୱ ତୁଲାଉଥିବା ଯୁବ ଖେଳାଳି ଉଦୟ ସହରନଙ୍କୁ ନେଇ ଏବେ ସବୁଠି ଚର୍ଚ୍ଚା। ଉଦୟ ସହରନ ରାଜସ୍ଥାନର ଶ୍ରୀଗଙ୍ଗାନଗର ସହରର ମଦେରା ଗ୍ରାମରେ ୨୦୦୪ ସେପ୍ଟେମ୍ବର ୮ରେ ଜନ୍ମଗ୍ରହଣ କରିଥିଲେ। ଉଦୟ ପ୍ରାରମ୍ଭିକ ଶିକ୍ଷା ଶ୍ରୀଗଙ୍ଗାନଗରରେ ଆରମ୍ଭ କରିଥିବା ବେଳେ ଫାଜିଲ୍କାରେ ଥିବା ଆମ୍ ବଲ୍ଲଭ ପବ୍ଲିକ ସ୍କୁଲରେ ଅଷ୍ଟମ ଓ ନବମ ଶ୍ରେଣୀ ଯାଏ ପାଠ ପଢ଼ିଥିଲେ। ପାଠ ପଢ଼ିବା ସହିତ ୧୧ବର୍ଷରୁ ଉଦୟ କ୍ରିକେଟ ଖେଳିବା ଆରମ୍ଭ କରିଥିଲେ। ପରେ ଉଦୟ ବଠିଣ୍ଡା ଯାଇ ସେଠାରୁ ଅଧିକ ଶିକ୍ଷା ଗ୍ରହଣ କରିଥିଲେ। ବର୍ତ୍ତମାନ ଉଦୟ ବଠିଣ୍ଡାର ଏସ୍‌ଏସ୍‌ଡି କଲେଜ ଅଫ ପ୍ରଫେସନାଲ ଷ୍ଟଡିଜ୍ ମହାବିଦ୍ୟାଳୟରେ ଯୁକ୍ତ ୩ ଦ୍ୱିତୀୟ ବର୍ଷରେ ପାଠ ପଢୁଛନ୍ତି। ମଙ୍ଗଳବାର ୧୯ବର୍ଷରୁ କମ ବିଶ୍ୱକପରେ ଦକ୍ଷିଣ ଆଫ୍ରିକା ବିପକ୍ଷ ମ୍ୟାଚ୍‌ରେ ୮୧ରନର ଚମତ୍କାର ଇନିଂସ ଖେଳିଥିଲେ ଉଦୟ। ଉପରେ ଥାଇ ମଧ୍ୟ ସେ ଭଲ ପ୍ରଦର୍ଶନ କରିପାରିବେ ବୋଲି ପ୍ରମାଣ କରିଛନ୍ତ।

ଏହି ଯୁବ ଖେଳାଳିଙ୍କୁ କ୍ରୀଡ଼ାପ୍ରେମୀ ଖୁବ୍ ପ୍ରଶଂସା କରୁଛନ୍ତି। ୧୧ ବର୍ଷ ବୟସରେ ପ୍ରଥମ ଥର ପାଇଁ ଜିଲ୍ଲା କ୍ରିକେଟ ଆସୋସିଏସନ ଫାଜିଲ୍କା ପାଇଁ ଖେଳିଥିଲେ ଉଦୟ। ପ୍ରଥମେ ୧୬ବର୍ଷରୁ କମ୍ କ୍ରିକେଟ ମ୍ୟାଚ୍‌ରେ ମନୋନୀତ ହୋଇଥିଲେ। ପଞ୍ଜାବରେ ୧୪ବର୍ଷର କମ୍ କ୍ରିକେଟ ଖେଳିବା ପାଇଁ ପରୀକ୍ଷା ଦେଇଥିଲେ ଉଦୟ। ପଞ୍ଜାବ କ୍ରିକେଟ ଆସୋସିଏସନର ଚୟନ କମିଟିର ସଭାପତି ବଲଭୀର ସିଂ ଏହି ପରୀକ୍ଷା ନେଇ ଉଦୟଙ୍କୁ ଚୟନ କରିଥିଲେ। ଉଦୟ ଉତ୍ତର ଜୋନ୍‌ରେ ପଞ୍ଜାବ ପାଇଁ ଖେଳିବା ବେଳେ ଏକ ଇନିଂସରେ ୪୯୭ରନ ସ୍କୋର କରିଥିଲେ, ଯାହାକି ତାଙ୍କ କ୍ୟାରିୟର ରେକର୍ଡ ସ୍କୋର ଥିଲା। ଏହାପରେ ସେ କ୍ରିକେଟରେ ଆଗକୁ ବଢ଼ିଚାଲିଥିଲେ। ପରେ ପରେ ୧୯ବର୍ଷରୁ କମ୍ ଦିନିକିଆ ବିଶ୍ୱକପରେ ଭାରତୀୟ ଦଳର ଅଧିନାୟକ ଭାବରେ ମନୋନୀତ ହୋଇଥିଲେ।



ଏହି ଯୁବ ଖେଳାଳି ଗତ ୨ବର୍ଷ ମଧ୍ୟରେ ଆଇସିସି ୧୯ବର୍ଷରୁ କମ୍ ବିଶ୍ୱକପ ୨୦୨୪ର ଅଧିନାୟକ ହେବା ପାଇଁ ଖୁବ୍ କଠିନ ପରିଶ୍ରମ କରିଛନ୍ତି। ୨୦୨୨ରେ ୧୯ବର୍ଷରୁ କମ୍ ବିଶ୍ୱକପରେ ଭାରତୀୟ ଦଳର ରିଜର୍ଭ ଖେଳାଳି ମଧ୍ୟ ଥିଲେ ଉଦୟ, କିନ୍ତୁ ସେ ସେତେବେଳେ ଖେଳିବାର ସୁଯୋଗ ପାଇ ନଥିଲେ।

# ତୃତୀୟ ମ୍ୟାଚ୍ ପୂର୍ବରୁ କୋହଲିଙ୍କୁ ନେଇ ଡରିଲାଣି ଇଂଲଣ୍ଡ

**ନୂଆଦିଲ୍ଲୀ**

ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ଚାଲିଥିବା ଟେଷ୍ଟ ସିରିଜ୍ ୧-୧ ବରାବର ସ୍ଥିତିରେ ରହିଛି। ପ୍ରଥମ ମ୍ୟାଚ୍ ହାରିବା ପରେ ଦ୍ୱିତୀୟ ମ୍ୟାଚ୍‌ରେ ଭାରତୀୟ ଟିମ୍ ପ୍ରତ୍ୟାବର୍ତ୍ତନ କରି ବଡ଼ ବିଜୟ ହାସଲ କରିଥିଲା। ଏବେ ତୃତୀୟ ଟେଷ୍ଟ ପୂର୍ବରୁ ବଡ଼ ବ୍ରେକ୍ ମିଳିଛି। ଏଥିରେ କିଙ୍ଗ ବିରାଟ କୋହଲି ଯୋଡ଼ି ହୋଇ ପାରନ୍ତି ବୋଲି କୁହାଯାଉଛି। ଗୋଟିଏ ପଟେ ଭାରତୀୟ ପ୍ରଶଂସକ କୋହଲିଙ୍କୁ ଅପେକ୍ଷା କରିଥିବା ବେଳେ ଇଂଲଣ୍ଡ ଖେଳାଳିଙ୍କ ମଧ୍ୟରେ ଭୟ ଦେଖାଯାଇଛି।

ଏନେଇ ଇଂଲଣ୍ଡର ପୂର୍ବତନ ଅଧିନାୟକ ନାସିର ହୁସୈନ କହିଛନ୍ତି, ତୃତୀୟ ମ୍ୟାଚ୍‌ରେ ଯେତେବେଳେ ବିରାଟ ଫେରିବେ ସେତେବେଳେ ମଇଦାନରେ ଭାରତୀୟ ଟିମ୍‌ର କ୍ରୁର ରୂପ ଦେଖିବାକୁ ମିଳିବ, ଯାହାକି ପ୍ରଥମ ୨ ମ୍ୟାଚ୍‌ରେ ନ ଥିଲା। କୋହଲି ଆସିବା ପରେ ମ୍ୟାଚ୍‌କୁ ନେଇ ଉତ୍କଣ୍ଠା ଦ୍ୱିଗୁଣିତ ହେବ। ଏପରିକି ଆମକୁ ଜେମ୍ସ ଆଣ୍ଡରସନ ଏବଂ କୋହଲିଙ୍କ ମଧ୍ୟରେ କଥା କଟାକଟି ଦେଖିବାକୁ ମିଳିବ।

କହିରଖୁଛୁ, କୋହଲି ପ୍ରଥମ ୨ ଟେଷ୍ଟ ମ୍ୟାଚ୍‌ରୁ ବିରତି ନେଇ ଲଣ୍ଡନରେ ଅଛନ୍ତି। କାରଣ ସେ ବାପା ହେବାକୁ ଯାଉଥିବାରୁ ପରିବାର ସହ ସମୟ ବିତାଉଛନ୍ତି। ଏବେ ତୃତୀୟ ଟେଷ୍ଟରେ ସେ ଦଳ ସହ ଯୋଡ଼ି ହୋଇପାରନ୍ତି ବୋଲି ଆଶା କରାଯାଉଛି।

## ଆଇପିଏଲର ପୂରା ସିଜିନ ଖେଳିବାକୁ ପ୍ରସ୍ତୁତ ରିଷଭ ପନ୍ତ : ପଣ୍ଟିଂ

**ନୂଆଦିଲ୍ଲୀ**

ଆଇପିଏଲ ୨୦୨୪ ପୂର୍ବରୁ ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ ଏକ ବଡ଼ ଖବର ଆସିଛି। ରିକି ପଣ୍ଟିଂ କହିଛନ୍ତି, ରିଷଭ ପନ୍ତ ପୂରା ଆଇପିଏଲ ସିଜିନ ଖେଳିବାକୁ ପ୍ରସ୍ତୁତ ଅଛନ୍ତି। ସେ ନିଶ୍ଚିତ ଯେ ସେ ପୂରା ଆଇପିଏଲ ଖେଳିବେ। ୨୦୨୨ ଡିସେମ୍ବର ୩୦ରେ କାର୍ ଦୁର୍ଘଟଣାରେ ପନ୍ତ ଗୁରୁତର ଆହତ ହୋଇଥିଲେ, ଏହା ପରେ ସେ କ୍ରିକେଟ ପଡ଼ିଆରୁ ଦୂରେଇ ଯାଇଥିଲେ। କିନ୍ତୁ ବର୍ତ୍ତମାନ ତାଙ୍କ ପ୍ରତ୍ୟାବର୍ତ୍ତନ ଆଇପିଏଲ ୨୦୨୪ରୁ ଆଶା କରାଯାଉଛି। ତେବେ ପନ୍ତ ଫେରିବା ପରେ ୱିକେଟ୍ କିପିଂ କରିବେ କି ନାହିଁ ତାହା ପଣ୍ଟିଂ ସ୍ପଷ୍ଟ କରିନାହାନ୍ତି।

## ଉତ୍କଳରେ ହେବ ଆନ୍ତଃବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା

# ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସହ ଯୋଗଦେବେ ୩୮ଟି ବିଶ୍ୱବିଦ୍ୟାଳୟ

**ଭୁବନେଶ୍ୱର**



ଉତ୍କଳ ବିଶ୍ୱବିଦ୍ୟାଳୟରେ ଆନ୍ତଃବିଶ୍ୱବିଦ୍ୟାଳୟ ପ୍ରତିଯୋଗିତା ଫେବୃୟାରୀ ୧୫ରୁ ୧୯ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି କ୍ରୀଡ଼ା ପ୍ରତିଯୋଗିତାରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସହିତ ୩୮ଟି ସରକାରୀ ଓ ଘରୋଇ ବିଶ୍ୱବିଦ୍ୟାଳୟରୁ ୧୦୦୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିବେ। ଛାତ୍ରଛାତ୍ରୀମାନଙ୍କ ସହିତ ସେମାନଙ୍କ କୋଚ୍ ଓ ଶିକ୍ଷକ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଆନ୍ତଃବିଶ୍ୱବିଦ୍ୟାଳୟ ପ୍ରତିଯୋଗିତା-୨୦୨୪ରେ ଜାଭଲିନ ଥ୍ରୋ, ଡିସକସ ଥ୍ରୋ, ସଟ୍‌ପୁଟ୍ ଥ୍ରୋ, ଉଚ୍ଚ ଡିଆଁ ଓ ଲମ୍ବ ଡିଆଁ, ୧୦୦, ୨୦୦, ୪୦୦ ଓ ୧୫୦୦ ମିଟର, ହର୍ଡଲ୍ସ ଓ ରିଲେ ରେସ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହେବ ଏବଂ ଏଥିରେ ଛାତ୍ରଛାତ୍ରୀ ସେମାନଙ୍କ ପ୍ରତିଭା ଓ ଦକ୍ଷତା ପ୍ରଦର୍ଶନ କରିବେ। ପ୍ରତ୍ୟେକ ବିଶ୍ୱବିଦ୍ୟାଳୟରୁ ଗୋଟିଏ ଇଭେଣ୍ଟ ପାଇଁ ଜଣେ ଛାତ୍ର ଓ ଜଣେ ଛାତ୍ରୀ ମୋଟ ୨ଜଣ ଅଂଶଗ୍ରହଣ କରିପାରିବେ। ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହେବ ବୋଲି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା-୨୦୨୪ର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ କୁଳସଚିବ ଡ. କାହ୍ନୁଚରଣ ଧୀର ଏବଂ ବି☐ ନିୟନ୍ତ୍ରକ ଗୌତମ ପ୍ରଧାନ ଆନ୍ତଃ ବିଶ୍ୱବିଦ୍ୟାଳୟ ଆନ୍ତଃବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି, ମାନପତ୍ର ଓ ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି।

## ରମ୍ଭା ଏନ୍‌ଏସିରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉଦ୍‌ଯାପିତ

**ରମ୍ଭା, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ କାର୍ଯ୍ୟ ନିର୍ବାହୀ ଅଧିକାରୀ ଆଶାଲତା ରଚମାଳାଙ୍କ ଅଧ୍ୟକ୍ଷତାରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ-୨୦୨୪ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଶ୍ରୀ ଜଗନ୍ନାଥ କନିଷ୍ଠ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରସନ୍ନ କୁମାର ମିଶ୍ର, ଓଡ଼ିଆ ପ୍ରାଧ୍ୟାପକ ଡଃ ବିଜୟାନନ୍ଦ ମହାପାତ୍ର, ଅବସର ପ୍ରାପ୍ତ ଶିକ୍ଷକ ଚରଣ ଜେନା, ଅଧ୍ୟକ୍ଷା ମାନସୀ ସ୍ୱାଇଁ, ଉପାଧ୍ୟକ୍ଷ କାଳିଆ ତରେଇ ପ୍ରମୁଖ ଯୋଗଦେଇ ଭାଷା ଅତୀତର ଅସ୍ତିତ୍ୱ ଓ ଭାଷା ହିଁ ଭବିଷ୍ୟତ ଉପରେ ଆଲୋକପାତ କରାଯାଇଥିଲା। କାର୍ଯ୍ୟକ୍ରମ ପୂର୍ବରୁ ପଣ୍ଡିତ ଜଗନ୍ନାଥ ଦଶଙ୍କ ମନ୍ତ୍ରରେ ବେଦ ଧ୍ୱନି ଓ ସାମୂହିକ ପ୍ରଦୀପ ପ୍ରଜ୍ୱଳନ, ବନ୍ଦେ ଉତ୍କଳ ଜନନୀ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ଏହ କାର୍ଯ୍ୟକ୍ରମରେ ସମସ୍ତ କବି କବୟିତ୍ରୀ ମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ରମ୍ଭା ଏନ୍‌ଏସି ଅନ୍ତର୍ଗତ ସମସ୍ତ ସରକାରୀ ବେସରକାରୀ ପୂର୍ବରୁ ଅନୁଷ୍ଠିତ ବିଦ୍ୟାଳୟର ଛାତ୍ରଛାତ୍ରୀ ପ୍ରବନ୍ଧ, ବକ୍ତୃତା ଓ ସଙ୍ଗୀତ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣଙ୍କୁ ପୁରସ୍କାର ବିତରଣ କରାଯାଇ ଥିଲା। ବିଭିନ୍ନ ଶିକ୍ଷାନୁଷ୍ଠାନର ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ, ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା, ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଡ. ସରୋଜକାନ୍ତ ଦାଶ, ଦୀପକ କୁମାର ବିଶୋଇ, ସୁକାନ୍ତ କୁମାର ମହାରଣା, ଜି.ସଙ୍ଗମ ଚୌଧୁରୀ, ସର୍ବନମ ଦାଶ, ଶୁଭଶ୍ରୀ ତ୍ରିପାଠୀ, ଜ୍ୟୋତି ଦୋରା, ପ୍ରଭାସିନୀ ନାୟକ, ମନୋଜ କୁମାର ସେନାପତି, ମନୋଜ ପାଇକରାୟ ସହଯୋଗ କରିଥିଲେ। ଜେଇ ଲୋକନାଥ ପାତ୍ର ଓ ଉପସ୍ଥାପିକା ଭାବେ ପ୍ରମୋଦିନୀ ମହାରଣା ରହିଥିଲେ।

# କଣ୍ଟାବାଞ୍ଜିରେ ୱାଗନ ମରାମତି କାରଖାନା ପ୍ରତିଷ୍ଠା ପାଇଁ ରେଳ ମନ୍ତ୍ରଣାଳୟର ୨୪୪.୭୭ କୋଟି ଅନୁମୋଦନ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ରେଳବାଇ ବୋର୍ଡ ଦ୍ୱାରା ୨୪୪.୭୭ କୋଟି ଅନୁମୋଦନ ପାଇବା ପରେ ରେଳ ମନ୍ତ୍ରଣାଳୟ କଣ୍ଟାବାଞ୍ଜିରେ ୱାଗନ ପିରିଓଡିକ ମରାମତି (ପିଓଏଚ୍) କାରଖାନା ସୁବିଧା ପ୍ରତିଷ୍ଠା ପାଇଁ ସବୁଜ ସଙ୍କେତ ଦେଇଛି। ସେପ୍ଟେମ୍ବର ୨୦୨୩ ରେ ଦାଖଲ ହୋଇଥିବା ଏକ ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର)ର ପୁଙ୍ଖାନୁପୁଙ୍ଖ ବିଚାର ପରେ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି।

୨୦୦ ୱାଗନ କ୍ଷମତା ବିଶିଷ୍ଟ ପ୍ରସ୍ତାବିତ ୱାଗନ ପିଓଏଚ୍ କାରଖାନା, କଣ୍ଟାବାଞ୍ଜିରେ ରେଳବାଇ ସହିତ ଉପଲବ୍ଧ ଥିବା ଖାଲି ଜମିରେ ସ୍ଥାପନ କରାଯିବ। ଏହି ନିଷ୍ପତ୍ତି ସ୍ଥାନୀୟ ଜନସାଧାରଣଙ୍କ ସମେତ ସ୍ଥାନୀୟ ଲୋକ ପ୍ରତିନିଧି ଯେଉଁମାନେ ଦୀର୍ଘ ଦିନ ଧରି ଏହି ଅଞ୍ଚଳରେ ଏପରି ସୁବିଧା ପାଇଁ ଦାବି କରିଆସୁଥିଲେ। ସେମାନେ ରେଳ ମନ୍ତ୍ରୀଙ୍କୁ ଅନୁରୋଧ କ୍ରମେ ସେମାନଙ୍କର ଦାବିକୁ ବିଚାରକୁ ନିଆଯାଇଛି।

ଏଭଳି କର୍ମଶାଳାର ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତାକୁ ସ୍ୱୀକୃତି ଦେଇ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ଅଞ୍ଚଳର ଲୋକମାନଙ୍କୁ ସେମାନଙ୍କ ଆକାଂକ୍ଷା ପ୍ରତି ପ୍ରତିବଦ୍ଧତା ବିଷୟରେ ଆଶ୍ୱାସନା ଦେଇଛନ୍ତି। ରେଳ ବୋର୍ଡର ଅନୁମୋଦନ ନାଗରିକଙ୍କ ଆବଶ୍ୟକତା ଏବଂ ଚିନ୍ତାଧାରାକୁ ସମାଧାନ କରିବାରେ ସରକାରଙ୍କ ଉତ୍ସର୍ଗୀକୃତତାକୁ ଦର୍ଶାଉଛି।

ୱାଗନ ପିଓଏଚ୍ କାରଖାନା ପ୍ରତିଷ୍ଠାର ଆଭିମୁଖ୍ୟ : ଏହି ଅଞ୍ଚଳରେ ପଣ୍ୟ ପରିବହନ ଯାତାୟାତ ବୃଦ୍ଧି କରିବା ସହିତ ସୁରକ୍ଷିତ ଟ୍ରେନ ଚଳାଚଳ ପାଇଁ ୱାଗନ ଗୁଡିକର ନିୟମିତ ମରାମତି ଭଲ ଭାବରେ ରକ୍ଷଣାବେକ୍ଷଣ କରାଯିବ। ୱାଗନ୍‌ଗୁଡିକର ଆୟୁଷ ପାଇଁ ରୀତିମତ ବ୍ୟବହାର ଜନିତ ତ୍ରୁଟିପୂର୍ଣ୍ଣ ଅଂଶଗୁଡିକୁ ସଂଶୋଧନ କରିବାରେ ସାହାଯ୍ୟ କରିବ ଯାହା ୱାଗନ ବଦଳାଇବା କ୍ଷେତ୍ରରେ ଖର୍ଚ୍ଚ ସଞ୍ଚୟ କରିବ।

ୱାଗନ ମରାମତି କାରଖାନା ପୃଥକ ଭାବରେ, ୱାଗନ ରକ୍ଷଣାବେକ୍ଷଣ ଦକ୍ଷତା ଏବଂ ନିର୍ଭର ଯୋଗ୍ୟତାକୁ ଉନ୍ନତ କରିବ। ଫଳସ୍ୱରୂପ ଉନ୍ନତ କାର୍ଯ୍ୟଦକ୍ଷତା ଏବଂ କାର୍ଯ୍ୟବୃଦ୍ଧି କରାଇବ କଣ୍ଟାବାଞ୍ଜିରେ ୱାଗନ ପିଓଏଚ୍ କାରଖାନା ପ୍ରତିଷ୍ଠା ରେଳ ଭିତ୍ତିଭୂମି ବୃଦ୍ଧି ତଥା ରେଳ ବ୍ୟବସ୍ଥାର ନିରାପତ୍ତା, ନିର୍ଭରଯୋଗ୍ୟତା ଏବଂ ବ୍ୟୟ-ପ୍ରଭାବଶାଳିତା ଉପରେ ସରକାରଙ୍କ ପ୍ରତିବଦ୍ଧତାକୁ ସୂଚିତ କରୁଛି।

# ବ୍ଲକ୍ ସ୍ତରୀୟ ଜନଶୁଣାଣି : ୮୦ ମାମଲା ପଞ୍ଜିକୃତ

**ନବରଙ୍ଗପୁର, ନ୍ୟୁଜ୍‌ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲା ନବରଙ୍ଗପୁର ବ୍ଲକ୍ ସ୍ତରୀୟ ଜିଲାପାଳଙ୍କ ଜନ ଶୁଣାଣି ଶିବିର ସ୍ଥାନୀୟ ବ୍ଲକ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହିଇଯାଇଛି। ଏଥିରେ ବ୍ଲକ୍‌ରୁ ବିଭିନ୍ନ ପ୍ରାନ୍ତରୁ ଜିଲାପାଳଙ୍କୁ ନିଜର ଆପତ୍ତି ଅଭିଯୋଗ ଜଣାଇବା ପାଇଁ ଆସିଥିବା ୮୦ ଜଣଙ୍କ ନାମ ପଞ୍ଜିକରଣ କରାଯାଇଥିଲା। ସେଥି ମଧ୍ୟରୁ ୭୦ଟି ବ୍ୟକ୍ତିଗତ ରହିଥିବା ବେଳେ ୧୦ ଗୋଟି ଦଳଗତ ଆପତ୍ତି ଅଭିଯୋଗ ରହିଥିଲା। ଏଥିରେ ରାସ୍ତାଘାଟ ନିର୍ମାଣ, ସଂଯୋଗୀ କାରଣ, ପ୍ରଧାନ ମନ୍ତ୍ରୀ ଆବାସ, ଜମି ଜମା ବିବାଦ, ପାରିବାରିକ ବିବାଦ, ପୋଲିସ ମାମଲା, ଜମି ଜବରଦଖଲ, ଉଠା ଜଳ ସେଚନ ପଏଣ୍ଟ, କର୍ମ ନିଯୁକ୍ତି, ସ୍ୱାସ୍ଥ୍ୟ ଚିକିତ୍ସା ପାଇଁ ରେଡ଼କ୍ରସ୍‌ରୁ ଆବଶ୍ୟକ ଆର୍ଥିକ ସହାୟତା, ନଳକୂପ ଖନନ, ପାନୀୟ ଜଳ ଯୋଗାଣ, ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ, ଗୋଶାଳା ନିର୍ମାଣ, ଡିଆରଆଇ ଋଣ, ନିର୍ମାଣ ଶ୍ରମିକଙ୍କ ସମସ୍ୟା ଇତ୍ୟାଦି ସମସ୍ୟାର ତୁରନ୍ତ ସମାଧାନ କରିବା ପାଇଁ ଜିଲାପାଳ ଡଃ କମଳ ଲୋଚନ ମିଶ୍ର ତ୍ୱରିତ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ୮ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ସାମାଜିକ ସୁରକ୍ଷା ଆର୍ଥିକ ସହାୟତା (ବିବାହ ଆର୍ଥିକ ସହାୟତା) ରାଶି ଦୁଇ ଜଣଙ୍କୁ ୨ ଲକ୍ଷ ୫୦ ହଜାର ଟଙ୍କା ଲେଖାଏଁର ଚେକ୍ ପ୍ରଦାନ କରାଯାଇ ଥିଲା। ଏଥିରେ ଏସ୍‌ପି ରୋହିତ ବର୍ମା, ଜିଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିରଞ୍ଚି ନାରାୟଣ ଦରାନ, ଉପଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ବିଡ଼ିଓ ସୁନୀଲ ଖୋରା, ଜିଲ୍ଲା ସ୍ତରୀୟ ଅଧିକାରୀ ପିଏଆଇଟିଡିଏ ରାଜୀବ କମାର ସାହୁ, ତହସିଲଦାର କୈଳାଶ ଚନ୍ଦ୍ର ତ୍ରିପାଠୀ, ଜିଲ୍ଲା ପଞ୍ଚାୟତ ଅଧିକାରୀ ଶିଶିର ପାଣି, ଜିଲ୍ଲା ମଙ୍ଗଳ ଅଧିକାରୀ ରବୀନ୍ଦ୍ର ପଲକା, ସିଡ଼ିଡିଓ ରାଧେଶ୍ୟାମ ଲାଏକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ସିବାନୀ ଗୁହା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟନାୟକ, ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ଚକ୍ରଧର ମିଶ୍ର, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଧାଂଶୁ ପାତ୍ର, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରେଶମ ଲାଲ ନାୟକ ସମେତ ଜିଲ୍ଲା ଓ ବ୍ଲକ ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।


## ଓଡ଼ିଶା ସରକାର
## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁର
## ଘୋଷଣା

XXIV-51

**File No. COL/JAJ/VIIL-16/2022/ 14379 / LA(Civil) dated.18.12.2023**

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, ୨୦୧୩)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨ (୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- **ଆଙ୍କୁଲା,** ଥାନା- ଯାଜପୁର ନଂ ୩୮, ତହସିଲ-ଯାଜପୁର, ଜିଲ୍ଲା-ଯାଜପୁରରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଯାଜପୁର ଜିଲ୍ଲାରେ ନୂତନ ଭେଷଜ ମହାବିଦ୍ୟାଳୟ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏକ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, ୨୦୧୩)ର ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା. ୯୮୨୫/ତା. ୨୫.୦୮.୨୦୨୩ ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ, ଏହା ଘୋଷଣା କରାଯାଉଅଛି ଯେ ମୌଜା-**ଆଙ୍କୁଲା,** ଥାନା-ଯାଜପୁର ନଂ ୩୮, ତହସିଲ-ଯାଜପୁର, ଜିଲ୍ଲା-ଯାଜପୁରରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥାଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥାଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ www.jajpur.nic.inରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ୍ www.odisha.gov.in/revenueରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସ ଭୂ-ଅର୍ଜନ ଅଧିକାରୀ (ସିଭିଲ), ଯାଜପୁରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ-କ**

(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ତହସିଲ : ଯାଜପୁର | ଜିଲ୍ଲା : ଯାଜପୁର

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତର ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଆଙ୍କୁଲା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ ଅଛି | ଏଥି ସହିତ ସଂଲଗ୍ନ ଅଛି | ଏଥି ସହିତ ସଂଲଗ୍ନ ଅଛି | ଏ.୪.୪୯୧ ଡି | ଏ.୦.୧୬୧୬ ଡି | ଏଥି ସହିତ ସଂଲଗ୍ନ ଅଛି |

**ତଫସିଲ-ଖ**

(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ତହସିଲ : ଯାଜପୁର | ଜିଲ୍ଲା : ଯାଜପୁର

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତର ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ---------- ୧୦.୦୯.୨୦୨୩

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା/- ଜିଲ୍ଲାପାଳ, ଯାଜପୁର

**ଭୂମି ଅନୁସୂଚି**

**ପ୍ରକଳ୍ପର ନାମ : ଯାଜପୁର ଜିଲ୍ଲାରେ ନୂତନ ଭେଷଜ ମହାବିଦ୍ୟାଳୟ ନିର୍ମାଣ ନିମନ୍ତେ**

**ମୌଜାର ନାମ : ଆଙ୍କୁଲା, ତହସିଲ :ଯାଜପୁର, ଥାନା ନଂ :୩୮, ଜିଲ୍ଲା- ଯାଜପୁର**

| କ୍ରମିକ ନଂ | ଖାତା ନଂ | ପ୍ଲଟ ନଂ | କିସମ | ମୋଟ ରକବା | ଅଧିଗ୍ରହଣ ରକବା | ପ୍ରଜାଙ୍କ ନାମ |
|---|---|---|---|---|---|---|
| ୧ | ୨୬୨ | ୧୩୮୪ | ପାଳ | ୪.୪୪୮ | ୦.୧୧୮୬ | ଜଗନ୍ନାଥ ପଣ୍ଡା ପି. ବନମାଳି ପଣ୍ଡା ଜା. ବ୍ରାହ୍ମଣ, ବା. ନହରାପୁର |
| ୨ | ୬୮୭ | ୧୪୬୩ | ବଗାୟତ ଦୁଇ | ୦.୦୧୦ | ୦.୦୧୦ | ଲକ୍ଷ୍ମୀଧର ନନ୍ଦ, ଗଦାଧର ନନ୍ଦ ପି. ରାମଚନ୍ଦ୍ର ନନ୍ଦ, ସଦାନନ୍ଦ ମିଶ୍ର, ହୃଦାନନ୍ଦ ମିଶ୍ର, ହାରାମଣି ମିଶ୍ର, ବିଣାପାଣି ମିଶ୍ର ପି. ବନମାଳି ମିଶ୍ର, ଶୁଶିଳା ମିଶ୍ର ସ୍ୱା. ମନମାଳି ମିଶ୍ର, ସନାତ ମିଶ୍ର ପି. ଲକ୍ଷ୍ମୀଧର ମିଶ୍ର, ତପନ କୁମାର ନନ୍ଦ ପି. ମହେଶ୍ୱର ନନ୍ଦ ଜା. ବ୍ରାହ୍ମଣ, ବା. ଆଙ୍କୁଲା. |
| ୩ | ୩୦ | ୧୪୬୨ | ବଗାୟତ ଦୁଇ | ୦.୦୩୩ | ୦.୦୩୩ | ବାଇଧର ନନ୍ଦ, ମହେଶ୍ୱର ନନ୍ଦ, ଦୈତାରୀ ନନ୍ଦ ପି. ଛକଡି ନନ୍ଦ ଜା. ବ୍ରାହ୍ମଣ, ବା. ଆଙ୍କୁଲା |
| | | | ମୋଟ ଅଧିଗ୍ରହଣ ରକବା | | ୦.୧୬୧୬ | |

OIPR-24163/14/0061/2324

ସ୍ୱା/- ଭୂ-ଅର୍ଜନ ଅଧିକାରୀ(ସିଭିଲ), ଯାଜପୁର

ଭୁବନେଶ୍ୱର
୦୮ ଫେବୃଆରୀ
ଗୁରୁବାର, ୨୦୨୪
RNI Regd. No. : 52640/94
Postal Regd. No. :
BN/60/22-24







ଭୁବନେଶ୍ୱର : ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ୍, ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ଆର.ବାଲକ୍ରିଷ୍ଣନ, ଆଇଟି ପ୍ରମୁଖ ଶାସନସଚିବ ମନୋଜ ମିଶ୍ର ପରିଦର୍ଶନରେ ଆସି ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପ୍ରଦର୍ଶନୀକୁ ବୁଲି ଦେଖୁଛନ୍ତି । (ଫଟୋ : ସମ୍ବାଦ କଳିକା)

# ଡକ୍ଟର ସସ୍ମିତ ପାତ୍ରଙ୍କୁ ଶ୍ରେଷ୍ଠ ସାଂସଦ ପୁରସ୍କାର



**ଭୁବନେଶ୍ୱର, ୭/୨ ନ୍ୟୁଜ ବ୍ୟୁରୋ**
ବିଜୁ ଜନତା ଦଳର ବରିଷ୍ଠ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ରଙ୍କୁ ଶ୍ରେଷ୍ଠ ସାଂସଦ ପୁରସ୍କାର ଦିଆଯାଇଛି । ଲୋକମତ ସଂସଦୀୟ ପୁରସ୍କାର ୨୦୨୩ ଲାଭ କରିଛନ୍ତି ଡକ୍ଟର ପାତ୍ର । ସେହିପରି କଂଗ୍ରେସର ଲୋକସଭା ସାଂସଦ ଶଶୀ ଥରୁର ବି ଏହି ପୁରସ୍କାର ଲାଭ କରିଛନ୍ତି । ଡକ୍ଟର ସସ୍ମିତ ପାତ୍ର ଓ ଶଶୀ ଥରୁରଙ୍କ ବ୍ୟତୀତ ଲୋକସଭା ଓ ରାଜ୍ୟସଭାର ଅନ୍ୟ ୬ ସାଂସଦ ବି ବିଭିନ୍ନ କ୍ଷେତ୍ର ଲାଗି ପୁରସ୍କୃତ ହୋଇଛନ୍ତି । ଲୋକସଭାର ବହୁଜନ ସମାଜ ପାର୍ଟି ସାଂସଦ ଡାନିସ ଅଲ୍ଲୀ ଓ ସିପିଏମର ରାଜ୍ୟସଭା ସାଂସଦ ଜନ ବ୍ରିଟାସ ବେଷ୍ଟ ଡେବ୍ୟୁଟାଣ୍ଟ ଭାବେ ପୁରସ୍କୃତ ହୋଇଥିଲେ । ସମାଜବାଦୀ ପାର୍ଟି ରାଜ୍ୟସଭା ସାଂସଦ ରାମ ଗୋପାଳ ଯାଦବ ଓ ବିଜେପି ଲୋକସଭା ସାଂସଦ ମାନେକା ଗାନ୍ଧୀଙ୍କୁ ଲାଇଫଟାଇମ ଆଚିଭମେଣ୍ଟ ପୁରସ୍କାର ମିଳିଛି । ଲୋକସଭାର ଶିରୋମଣି ଅକାଳୀ ଦଳର ସାଂସଦ ହରସିମରତ କୌର ବାଦଲ ଏବଂ ବିଜେପିର ରାଜ୍ୟସଭା ସାଂସଦ ସରୋଜ ପାଣ୍ଡେଙ୍କୁ ସମ୍ପୃକ୍ତ ଗୃହରେ ଶ୍ରେଷ୍ଠ ମହିଳା ସାଂସଦ ଭାବରେ ପୁରସ୍କୃତ କରାଯାଇଥିଲା । ପ୍ରତିବର୍ଷ ଲୋକସଭାରୁ ୪ଜଣ, ରାଜ୍ୟସଭାରୁ ୨ ଜଣଙ୍କୁ ଲୋକମତ ସଂସଦୀୟ ପୁରସ୍କାର ମିଳିଥାଏ । ପୁରସ୍କାର ବିତରଣ ଉତ୍ସବରେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡକରୀ ମୁଖ୍ୟ ଅତିଥି ଭାବେ ଏବଂ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ରାଷ୍ଟ୍ରମନ୍ତ୍ରୀ ରାମଦାସ ଆଠୱାଲେ ଯୋଗ ଦେଇଥିଲେ ।


ରବିବାସରୀୟ କଳିକା
ଓଡ଼ିଶାର ଦୁର୍ଗମ ଅଞ୍ଚଳରେ ଫଳୁଛି ବିଦେଶୀ ଫଳ

## ଭୁବନେଶ୍ୱର ହେବ ଜଳାତଙ୍କ ମୁକ୍ତ ସହର

**ଭୁବନେଶ୍ୱର,୭/୨ ନ୍ୟୁଜ ବ୍ୟୁରୋ**
ରାଜଧାନୀରେ କମିବ ବୁଲା କୁକୁରଙ୍କ ଆତଙ୍କ । ଭୁବନେଶ୍ୱର ହେବ ଜଳାତଙ୍କ ରୋଗ ମୁକ୍ତ ସହର । ବୁଧବାର କୁକୁର ବନ୍ଧ୍ୟାକରଣ କେନ୍ଦ୍ରର ଉଦ୍‌ଘାଟନ କରିଛନ୍ତି ବିଏମସି ମେୟର ଓ ବିଧାୟକ । ଏହି କେନ୍ଦ୍ରରେ ୨୪୦ କୁକୁର ରହିବାର କ୍ଷମତା ରହିଛି । ଏଥିରେ ୪୮ଟି ଗୃହ ରହିଥିବା ବେଳେ ୨ଟି ଅପରେସନ ଥିଏଟର, ୫ଟି ଅପରେସନ ଟେବୁଲ ରହିଛି । ପ୍ରତିଦିନ ଶହେ କୁକୁରଙ୍କ ବନ୍ଧ୍ୟାକରଣ ହୋଇ ପାରିବ । କୁକୁରଙ୍କୁ ଆଣିବା ଓ ଛାଡିବା ପାଇଁ ୨ଟି ଯାନ ରହିଛି । ଆବଶ୍ୟକ ଡାକ୍ତର, ଚିକିତ୍ସା ସହାୟକ ଏବଂ କର୍ମଚାରୀ ମଧ୍ୟ ରହିଛନ୍ତି ।

## ଲୋୟର ପିଏମ୍‌ଜିରେ ଉତ୍କଳ ସାମ୍ବାଦିକ ସଂଘର ବିକ୍ଷୋଭ

# ସାମିଲ୍ ହେଲେ ଦୁଇହଜାରରୁ ଊର୍ଦ୍ଧ୍ୱ ସାମ୍ବାଦିକ



**ଭୁବନେଶ୍ୱର, ୭.୨, ନ୍ୟୁଜ ବ୍ୟୁରୋ**
ରାଜ୍ୟର ସର୍ବପୁରାତନ ସାମ୍ବାଦିକ ସଂଗଠନ ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ୬ ଦଫା ମୌଳିକ ଦାବି ନେଇ ବୁଧବାର ରାଜ୍ୟର ପ୍ରାୟ ଦୁଇ ହଜାର ସାମ୍ବାଦିକ ବିଧାନସଭା ଘେରାଉ କରିଛନ୍ତି । ଅନ୍ୟାନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରେ ସାମ୍ବାଦିକବର୍ଗ ବିଭିନ୍ନ ସରକାରୀ ସୁବିଧାରୁ ବଞ୍ଚିତ ହେବା ସଙ୍ଗେ ସଙ୍ଗେ କ୍ରମାଗତ ଭାବେ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବି ସମୂହକୁ ଉପସ୍ଥାପନ କରି ଆସୁଥିଲେ ସୁଦ୍ଧା ଅଦ୍ୟାବଧି କୌଣସି ସୁଫଳ ମିଳିପାରି ନାହିଁ । ଦାବିଗୁଡ଼ିକ ମଧ୍ୟରେ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ, ବୟସ୍କ ସାମ୍ବାଦିକଙ୍କୁ ପେନସନ ପ୍ରଦାନ, ସ୍ୱାସ୍ଥ୍ୟବୀମା ଯୋଜନାରେ ପିତାମାତା ଓ ୨୫ ବର୍ଷରୁ ଊର୍ଦ୍ଧ୍ୱ ସନ୍ତାନମାନଙ୍କୁ ସାମିଲ୍ କରାଯିବା, ମିଡ଼ିଆ ଏକାଡ଼େମୀ ଗଠନ କରିବା, ଅଧିସ୍ୱୀକୃତି କମିଟି ପୁନର୍ଗଠନ ଓ ବ୍ୟାପକ ଅଧିସ୍ୱୀକୃତି ପ୍ରଦାନ, ଲୋକସେବା ଭବନ ସମେତ ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟରେ ସାମ୍ବାଦିକଙ୍କ ପ୍ରବେଶାଧିକାର ଅନ୍ତର୍ଭୁକ୍ତ ରହିଛି । ଏହି ଅବସରରେ ବୁଧବାର ବିଧାନସଭା ଅଧିବେଶନ କାଳରେ ଲୋୟର ପିଏମ୍‌ଜି ଠାରେ ଅନୁଷ୍ଠିତ ବିକ୍ଷୋଭ ସମାବେଶରେ ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ବିଭୂତି ଭୂଷଣ କର ଅଧ୍ୟକ୍ଷତା କରି ଦୀର୍ଘଦିନର ଦାବି ପ୍ରତି ସରକାରଙ୍କ ଅଣଦେଖା ନେଇ କ୍ଷୋଭ ପ୍ରକାଶ କରିବା ସହ ଖୁବ୍ ଶୀଘ୍ର ଏହି ଦାବିଗୁଡ଼ିକୁ ପୂରଣ କରିବାରେ ସରକାର ଟାଳଟୁଳ ନୀତି ଅବଲମ୍ବନ କଲେ ୩୦ଟି ଜିଲ୍ଲାର ସାମ୍ବାଦିକ ସଂଘ ପକ୍ଷରୁ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି ପ୍ରକାଶ କରିଥିଲେ ।

ଏହି ବିକ୍ଷୋଭ ସମାବେଶରେ ସଂଘର ଉପଦେଷ୍ଟା ପ୍ରଦୋଷ ପଟ୍ଟନାୟକ, ରବି ଦାସ, ସନତ ମିଶ୍ର, ପୀତବାସ ମିଶ୍ର, ସୁଜ୍ଞାନ ଚୌଧୁରୀ, ଶ୍ରୀମୟ କର, ପର୍ଯ୍ୟବେକ୍ଷକ ସମ୍ପାଦକ ପବିତ୍ର ମୋହନ ସାମନ୍ତରାୟ, ନିରଞ୍ଜନ ବିଶ୍ୱାଳ, ବିବେକାନନ୍ଦ ଜେନା, ବିପିନ ସିଂ, କିଶୋର ଦ୍ୱିବେଦୀ, ବଙ୍କିମ ଚନ୍ଦ୍ର ନାୟକ, ପପୁ ମହାନ୍ତି, ସଂଘର ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା, କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ, ପ୍ରମୋଦ ପଟ୍ଟନାୟକ, ହାରାଧନ ବାନାର୍ଜୀ, କୋଷାଧ୍ୟକ୍ଷ ରାଜେନ ଚୌଧୁରୀ, ଉପସଭାପତି ଡ. ରଶ୍ମିରଞ୍ଜନ ମିଶ୍ର, ପ୍ରଦୀପ ତ୍ରିପାଠୀ, ସତ୍ୟନାରାୟଣ ମିଶ୍ର, ରବି ନାରାୟଣ ଖିଲାର ପ୍ରମୁଖ ନ୍ୟାର୍ଯ୍ୟ ଦାବିଗୁଡ଼ିକୁ ସରକାର ଯଥାଶୀଘ୍ର ପୂରଣ କରିବା ପାଇଁ ଆହ୍ୱାନ ଦେଇଥିଲେ । ଏହି ସମାବେଶରେ ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝୀ ଯୋଗଦେଇ ସାମ୍ବାଦିକମାନଙ୍କ ଦ୍ୱାରା ଉତ୍‌ଥାପିତ ହୋଇଥିବା ୬ ଦଫା ଦାବି ନ୍ୟାୟସଙ୍ଗତ ହୋଇଥିବାରୁ ତାଙ୍କ ଦଳ ପକ୍ଷରୁ ଏହାକୁ ଦୃଢ ସମର୍ଥନ କରାଯାଉଛି ବୋଲି କହିବା ସହ ସରକାର ଯେପର୍ଯ୍ୟନ୍ତ ଏହି ଦାବିକୁ ପୂରଣ କରିନାହାଁନ୍ତି, ସେ ପର୍ଯ୍ୟନ୍ତ ଜିଲ୍ଲା ଠାରୁ ରାଜ୍ୟ ପର୍ଯ୍ୟନ୍ତ ସବୁସ୍ତରରେ ତାଙ୍କ ଦଳ ସାମ୍ବାଦିକମାନଙ୍କ ସ୍ୱର ସହିତ ସ୍ୱର ମିଳାଇବ ବୋଲି ଘୋଷଣା କରିବା ସହ ଏ ସମ୍ପର୍କରେ ବିଧାନସଭାରେ ଆଲୋଚନା ହେବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ । ତାଙ୍କ ସହ ବିଧାୟିକା କୁସୁମ ଟେଟେ, ବିଧାୟକ ମୁକେଶ ମହାଲିଙ୍ଗ, ନାଉରୀ ନାୟକ, ସୁବାସ ପାଣିଗ୍ରାହୀ, ସଜନ ଶର୍ମା ପ୍ରମୁଖ ଯୋଗଦେଇ ଦାବି ପ୍ରତି ସମର୍ଥନ ଜଣାଇଥିଲେ । ସେହିପରି ପୂର୍ବତନ ସାଂସଦ ତଥା 'ଧରିତ୍ରୀ' ସମ୍ପାଦକ ତଥାଗତ ଶତପଥୀ ଏଥିରେ ଯୋଗଦେଇ ସାମ୍ବାଦିକଙ୍କ ଏହି ଦାବିଗୁଡ଼ିକ ଯୁକ୍ତିଯୁକ୍ତ ହୋଇଥିବାରୁ ଏହି ପ୍ରସଙ୍ଗରେ ସଂଘ ସହିତ ସେ ଶେଷ ପର୍ଯ୍ୟନ୍ତ ରହି ଦୃଢ ସମର୍ଥନ ଦେବେ ବୋଲି କହିଥିଲେ । ଏହି ପରିପ୍ରେକ୍ଷୀରେ ଜିଲ୍ଲା ସଭାପତି ସର୍ବଶ୍ରୀ ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର, ଦୁର୍ଯ୍ୟୋଧନ ପାତ୍ର, ମନୋଜ ଦାସ, ଲୋକନାଥ ଦଳାଇ, ବୈଦ୍ୟଭୂଷଣ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ସାହୁ, ସନ୍ତୋଷ କୁମାର ଦାସ, ସୌମ୍ୟରଞ୍ଜନ ପଟ୍ଟନାୟକ, ପ୍ରତାପ ବରାଳ, ହରିହର ସ୍ୱାଇଁ, ପ୍ରସନ୍ନ ତ୍ରିପାଠୀ, ଭରତ ବେହେରା, ମନୋଜ ପ୍ରଧାନ, ସୁରେଶ ଦାସ, ବିଧାନ ଚୌଧୁରୀ, ଅନିଲ ପଟ୍ଟନାୟକ, ଗୋରେଖନାଥ ସାହୁ, ପ୍ରଭାତ ମିଶ୍ର, ପ୍ରଦୀପ ବକ୍ସି, ସୁରେଶ ଆଚାରି, ପ୍ରତାପ ପ୍ରଧାନ, ସଞ୍ଜୟ ଜେନା ଓ ଜିତେନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇ ଅଭିଭାଷଣ ପ୍ରଦାନ କରିଥିଲେ । ବିକ୍ଷୋଭ ପରେ ସାମ୍ବାଦିକମାନେ ଲୋୟର ପିଏମ୍‌ଜିରେ ସମୂହ ରାଲି କରି ବିଧାନସଭା ଅଭିମୁଖେ ଯାଇ ବ୍ୟାରିକେଡ଼ ଭାଙ୍ଗି ଭିତରକୁ ଧଶେଇ ପଶିବା ସମୟରେ ଉପସ୍ଥିତ ପୋଲିସ୍ ବାହିନୀ ସେମାନଙ୍କୁ ଅଟକାଇଥିଲେ । ସରକାର ଯଦି ଏହି ନ୍ୟାର୍ଯ୍ୟ ଦାବିଗୁଡ଼ିକୁ ପୂରଣ କରିବାରେ ପୁଣି ଟାଳଟୁଳ ନୀତି ଅବଲମ୍ବନ କରନ୍ତି, ତେବେ ସାରା ରାଜ୍ୟରେ ଆନ୍ଦୋଳନକୁ ଆହୁରି ତୀବ୍ରତର କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି ।

# ବିଜେଡିରେ ସାମିଲ ହେଲେ ବିଜେପି ଓ କଂଗ୍ରେସର ବହୁ କର୍ମୀ



ଶଙ୍ଖ ଭବନରେ ମିଶ୍ରଣ ପର୍ବ

**ଭୁବନେଶ୍ୱର ୭।୨ ନ୍ୟୁଜ ବ୍ୟୁରୋ**
ଶଙ୍ଖ ଭବନରେ ବିଜେଡିର ମିଶ୍ରଣ ପର୍ବ । ବିଜେଡିରେ ମିଶିଲେ ନୀଳଗିରି ନିର୍ବାଚନ ମଣ୍ଡଳୀର କଂଗ୍ରେସ ଓ ବିଜେପି ନେତା ଶିଶିର ମହାପାତ୍ର ଫାଉଣ୍ଡେସନ ସଭାପତି ସବ୍ୟସାଚୀ ମହାପାତ୍ର । ନୀଳଗିରି ମ୍ୟୁନିସିପାଲିଟିର ୬ ନମ୍ବର ୱାର୍ଡର କାଉନସିଲର ପ୍ରତାପ ସେଠୀ, ନୀଳଗିରି ବ୍ଲକ୍ ପୂର୍ବତନ ଅଧ୍ୟକ୍ଷା ଝରଣା ସିଂ, ପୂର୍ବତନ ସରପଞ୍ଚ ମଧୁସ୍ମିତା ସିଂ, ବିଜେପି ଜିଲ୍ଲା ପରିଷଦ ପ୍ରାର୍ଥୀ ଅର୍ଜୁନ ମାର୍ଣ୍ଡିଙ୍କ ସମେତ ଏକାଧିକ କଂଗ୍ରେସ ଓ ବିଜେପି କର୍ମୀ ବିଜେଡିରେ ଯୋଗ ଦେଇଛନ୍ତି । ବାଲେଶ୍ୱର ପର୍ଯ୍ୟବେକ୍ଷକ ପ୍ରତାପ ଦେବ ସମସ୍ତଙ୍କୁ ଉତ୍ତରୀୟ ପିନ୍ଧାଇ ଦଳକୁ ସ୍ୱାଗତ କରିଛନ୍ତି । ବିଜେଡି ନେତା ସନ୍ତୋଷ ଖଟୁଆଙ୍କ ନେତୃତ୍ୱରେ ନେତା ଓ କର୍ମୀମାନେ ଦଳରେ ବିଧିବଦ୍ଧ ଭାବେ ମିଶିଛନ୍ତି । ୫-ଟି ଅଧ୍ୟକ୍ଷଙ୍କ ନୀଳଗିରି ଗସ୍ତ ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ବିଜେଡିରେ ମିଶିଛନ୍ତି । ମିଶ୍ରଣ ଦ୍ୱାରା ନୀଳଗିରିରେ ବିଜେଡି ଆହୁରି ମଜବୁତ ହେବ ବୋଲି ସନ୍ତୋଷ ଖଟୁଆ କହିଛନ୍ତି ।

## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ । ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।
ସମ୍ପର୍କସୂ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com


ସମ୍ପାଦକୀୟ
ପୃଷ୍ଠା-୪
THE UTKAL DEEPIKA
ସାପ୍ତାହିକ ସମ୍ବାଦ ପତ୍ରିକା
Vol-7 • Issue-42 • 7th-13th February 2024 • Bhubaneswar
ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉଦ୍‌ଯାପିତ
ଓଡ଼ିଆ ଶବ୍ଦ ଭଣ୍ଡାରକୁ ସମୃଦ୍ଧ କରିବାପାଇଁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ
ସେବା ମନୋବୃତ୍ତି ଓ ସଂକଳ୍ପ ନେଇ ସରକାର କାର୍ଯ୍ୟ କରୁଛନ୍ତି

# ରାଜଧାନୀରୁ ତଡ଼ା ହେବେ ନିଶାମାଫିଆ : ତାଲିକା କରୁଛି କମିସନରେଟ୍ ପୁଲିସ

**ଭୁବନେଶ୍ୱର, ୭/୨ ନ୍ୟୁଜ ବ୍ୟୁରୋ**
ପୂର୍ବ ଅପରାଧ ଇତିହାସରୁ କମିସନରେଟ୍ ପୁଲିସ ୭୦ରୁ ଅଧିକ ନିଶାବ୍ୟବସାୟୀ ଓ ମାଫିଆଙ୍କ ତାଲିକା କରିଛି । ଯେଉଁ ମାଫିଆ ଜେଲ୍‌ରେ ଅଛନ୍ତି ଓ ଯେଉଁମାନେ ଜାମିନ୍‌ରେ ଆସିଛନ୍ତି, କମିସନରେଟ୍ ପୁଲିସ ସମସ୍ତଙ୍କର ପଞ୍ଜିକା ହିସାବ କରୁଛି । ଯେଉଁମାନଙ୍କ ନାମରେ ଏକାଧିକ ମାମଲା ରହିଛି ଓ ଯେଉଁମାନେ ବାରମ୍ବାର ଗିରଫ ହୋଇ ଜାମିନ୍‌ରେ ଆସିବା ପରେ ପୁଣି ନିଶାକାରବାର କରୁଛନ୍ତି, ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନର ପ୍ରସ୍ତୁତି ଚାଲିଛି । ଏପରିକି ସେମାନଙ୍କ ଭିତରୁ କେତେଜଣଙ୍କୁ ସହରରୁ ବାହାର, ଅର୍ଥାତ୍ 'ତଡ଼ିପାର' ବି କରାଯାଇପାରେ । ବୁଧବାର ଦୁଇଜଣ ନିଶା ବ୍ୟବସାୟୀଙ୍କୁ ଗିରଫ କରାଯାଇଥିବା ବେଳେ ନୂଆ ପୁଲିସ କମିସନର ନିଶା ବ୍ୟବସାୟୀଙ୍କୁ ଏଭଳି ଖୋଲା ଚେତାବନୀ ଦେଇଛନ୍ତି । ଆଗକୁ ନିର୍ବାଚନ ଥିବାରୁ ପୁଲିସ ପକ୍ଷରୁ ନିଶାକାରବାର ଉପରେ ସ୍ୱତନ୍ତ୍ର ନଜର ରଖାଯାଇଛି । କିଭଳି ନିଶାମାଫିଆ ବନ୍ଧା ହେବେ ଓ ଏହା ଉପରେ ରୋକ୍ ଲଗାଯିବ, ସେଥିପାଇଁ ସ୍ୱତନ୍ତ୍ର ଯୋଜନା କରାଯାଇଥିବା ପୁଲିସ କମିସନର କହିଛନ୍ତି ।
ବୁଧବାର ସକାଳ ସମୟରେ କମିସନରେଟ୍ ପୁଲିସର ସ୍ପେଶାଲ କ୍ରାଇମ୍ ୟୁନିଟ୍ (ଏସସିୟୁ) ଏକ ବଡ଼ ଧରଣର ବ୍ରାଉନ୍‌ସୁଗାର ଚାଲାଣକୁ ପଣ୍ଡ କରି ଏଥିରେ ସମ୍ପୃକ୍ତ ଦୁଇ ମାଫିଆଙ୍କୁ ଗିରଫ କରିଛି । ସେମାନେ ହେଲେ କଟକ ଜିଲ୍ଲା ଖୁଣ୍ଟୁଣି ଅଞ୍ଚଳର ଶିବ ପ୍ରସାଦ ଦାଶ(୨୭) ଓ ଜଗବନ୍ଧୁ ଦାଶ(୨୯) । ସେମାନଙ୍କଠାରୁ ୪୦୦ ଗ୍ରାମ୍ ବ୍ରାଉନ୍‌ସୁଗାର, ଗୋଟିଏ ବାଇକ୍ ଓ ୩,୫୦୦ ଟଙ୍କା ଜବତ କରାଯାଇଛି । ଜବତ ବ୍ରାଉନ୍‌ସୁଗାରର ବଜାର ମୂଲ୍ୟ ୪୦ଲକ୍ଷ ଟଙ୍କାରୁ ଅଧିକ ହେବ । ତଦନ୍ତ ବେଳେ ଜଣାପଡ଼ିଛି ଯେ ଶିବ ଏକ ଘରୋଇ ବ୍ୟାଙ୍କରେ ଲୋନ୍ କଲେକ୍ଟର ଭାବେ କାମକରୁଥିଲା । ହେଲେ ରାତାରାତି ଲକ୍ଷପତି ହେବାର ସ୍ୱପ୍ନ ଦେଖି ବ୍ରାଉନ୍‌ସୁଗାର ମାଫିଆଙ୍କ ସହ ମିଶିଥିଲା । କିଛି ମାସ ହେବ ସେ ଚାକିରିଛାଡ଼ି ବ୍ରାଉନ୍‌ସୁଗାର ଚାଲାଣରେ ମାତିଥିଲା । ସେ ନିଜ ଅଞ୍ଚଳର ଜଗବନ୍ଧୁକୁ ବି ଏଥିରେ ସାମିଲ୍ କରିଥିଲା । ତା'କୁ ମଧ୍ୟ ମୋଟାଅଙ୍କର ଅର୍ଥ ରୋଜଗାରର ଲୋଭ ଦେଖାଇଥିଲା । ଉଭୟ ବିଶେଷକରି ଖୋର୍ଦ୍ଧାର ହଳଦିଆ ଅଞ୍ଚଳରୁ ବ୍ରାଉନ୍‌ସୁଗାର ଆଣି ଉଭୟ ଭୁବନେଶ୍ୱର ଓ କଟକର ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ବ୍ରାଉନ୍‌ସୁଗାର ଯୋଗାଉଥିଲେ ।

# ଶୂନ୍ୟ କାର୍ବନ ନିର୍ଗମନ ଉପରେ ମୁଖ୍ୟ ଶାସନ ସଚିବଙ୍କ ଗୁରୁତ୍ୱ

**ଭୁବନେଶ୍ୱର, ୭.୦୨ ନ୍ୟୁଜ ବ୍ୟୁରୋ**
୨ ଦିନିଆ ଜାତୀୟ ସବୁଜ ଧାତବ ସମ୍ମିଳନୀ-୨୦୨୪ ଅନୁଷ୍ଠିତ ହୋଇଯାଇଛି । ଫେବୃୟାରୀ ୬ ଓ ୭ ତାରିଖରେ ଭୁବନେଶ୍ୱର ସ୍ୱସ୍ତି ପ୍ରିମିୟମ ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଥିବା ଏହି ସମ୍ମିଳନୀ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ବିଜୁ ପଟ୍ଟନାୟକ ଜାତୀୟ ମେଟାଲ ଇନଷ୍ଟିଚ୍ୟୁଟର ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଛି । ଏହି ବୈଠକରେ ମୁଖ୍ୟ ଶାସନ ସଚିବ ତଥା ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧ୍ୟକ୍ଷ ପ୍ରଦୀପ କୁମାର ଜେନା ଯୋଗଦେଇ ରାଜ୍ୟ ତଥା ଦେଶରେ ଭିତ୍ତିଭୂମିର ବିକାଶ ଓ ଅଭିବୃଦ୍ଧି ପରିପ୍ରେକ୍ଷୀରେ ଧାତବ କ୍ଷେତ୍ର ଉପରେ ନିର୍ଭରଶୀଳତା ବୃଦ୍ଧି ପାଉଥିବା ପରିପ୍ରେକ୍ଷୀରେ ନିରନ୍ତର ବିକାଶ, ପରିବେଶ ପ୍ରଦୂଷଣ ସମସ୍ୟାକୁ ଦୃଷ୍ଟି ଦେଇ ସବୁଜ ଧାତବ ଶକ୍ତି ଉତ୍ସର ଉପଯୋଗ କରି ଶୂନ୍ୟ କାର୍ବନ ନିର୍ଗମନ ଉପରେ ସେ ଗୁରୁତ୍ୱ ଦେଇଥିଲେ । ଏଥିପାଇଁ ଶିଳ୍ପଠାରୁ ଆରମ୍ଭ କରି ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା ସମସ୍ତଙ୍କର ସହଯୋଗର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ । କାର୍ବନ ବିକିରଣ ଜନିତ ପ୍ରଦୂଷଣ ଜଳବାୟୁ ପରିବର୍ତ୍ତନର ପ୍ରମୁଖ କାରଣ ହୋଇଥିବା ଏବଂ ଏଥିଯୋଗୁଁ ମାନବ ସମାଜ ଓ ପରିବେଶ ଉପରେ ପ୍ରଭାବ ପଡୁଛି । ଖଣିଜ କ୍ଷେତ୍ରରେ ବୈଷୟିକ ଜ୍ଞାନ କୌଶଳ ପ୍ରୟୋଗ କରି ସୃଷ୍ଟି ହେଉଥିବା ପ୍ରଦୂଷଣକୁ ରୋକିବା ବା କମାଇବା ପାଇଁ ପଦକ୍ଷେପ ନିଆଯିବା ସଂପର୍କରେ ସମ୍ମିଳନୀରେ ଆଲୋଚନା କରାଯାଇଛି । କାର୍ଯ୍ୟକ୍ରମରେ ଭାରତ ସରକାରଙ୍କର ଇସ୍ପାତ ରାଷ୍ଟ୍ରମନ୍ତ୍ରୀ, ଓଡ଼ିଶା ରାଜ୍ୟ ଜଙ୍ଗଲ ଓ ପରିବେଶ, ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଏବଂ ରାଜ୍ୟ ଇସ୍ପାତ ଓ ଖଣି ମନ୍ତ୍ରୀ, ରାଜ୍ୟ ଖଣି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରମୁଖ ବାର୍ତ୍ତା ଦେଇଥିଲେ । ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ ସଚିବ କେ. ମୁରୁଗେସନ କାର୍ଯ୍ୟକ୍ରମ ସଂପର୍କରେ ଆଲୋକପାତ କରି ସମ୍ମିଳନୀର ଉଦ୍ଦେଶ୍ୟ ଓ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ସଂପର୍କରେ ଆଲୋକପାତ କରିଥିଲେ । ପ୍ରଥମ ଥର କରି ଏହି ସମ୍ମିଳନୀ ଓଡ଼ିଶାରେ ଅନୁଷ୍ଠିତ ହୋଇଛି । ଏଥିରେ ପରିବେଶ, ଶିଳ୍ପ, ଧାତବ ଶିଳ୍ପ, ବିଶେଷଜ୍ଞ, ପ୍ରାଧ୍ୟାପକ, ଶିକ୍ଷାବିତ୍ ଓ ପ୍ରଶାସନିକ ଅଧିକାରୀମାନେ ଯୋଗଦେଇଥିଲେ । ଭାରତ ସରକାରଙ୍କ ଇସ୍ପାତ ବିଭାଗ ଅତିରିକ୍ତ ଶାସନ ସଚିବ ଶ୍ରୀମତୀ ରୁଚିକା ଚୌଧୁରୀ ଗୋଭିଲ୍, ବିଜୁ ପଟ୍ଟନାୟକ ମେଟାଲ ନ୍ୟାସନାଲ ଷ୍କିଲ୍ ଇନଷ୍ଟିଚ୍ୟୁଟର ନିର୍ଦ୍ଦେଶକ ପ୍ରିତମ ଏସ୍ ପୁର୍କାୟସ୍ଥ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ । ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।
ସମ୍ପର୍କସୂ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା,
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

## ଏବେ ବଜାରରେ ଉପଲବ୍ଧ...

## 'କଥାକଳିକା' ଫେବୃଆରୀ-୨୦୨୪ ସଂଖ୍ୟା




### ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ଜିରୋନାଇଟ୍ : ମନୋଜ କୁମାର ମହାପାତ୍ର ।
**ସମକାଳର କଥା :** ଶୋକାର୍ତ୍ତ ସମୟ-କ୍ଷୀରୋଦ ଦାସ, ରଣ ଶୁଝିବା ଦିନ- ମଧୁମିତା ମହାନ୍ତି, ରେବତୀ- ସୀମାଞ୍ଚଳ ଦାଶ, ପଞ୍ଚମ ଦୁର୍ଘଟଣା- ଦାଶରଥି ଭୂୟାଁ, ରିକ୍ସାବାଲା- ସୁଷମା ପରିଜା ।
**ଅନ୍ୟଭାଷାର କଥା :** ଆରଣ୍ୟକ ବିଭୂତି ଭୂଷଣ - ପ୍ରଦୀପ୍ତ ଶ୍ରୀଚନ୍ଦନ ।
**ଯୁବ ମାନସର କଥା :** ପାଉଁଜି-ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ, ଚାନ୍ଦିନୀ-ଯଶୋବନ୍ତ ସେଠୀ, ଜଟିଆ ବାବାଙ୍କ ଜଟାଛିଡା ଉପାଖ୍ୟାନ- କିଶୋରଚନ୍ଦ୍ର ଜେନା, ଦେବୀ ପକ୍ଷ- ନିରୂପମାକର, ଉଠ, ଜାଗ- ସୁନାକର ସାହୁ, ମାଳି- ବିଜୟଲକ୍ଷ୍ମୀ ପାଣିଗ୍ରାହୀ, ଅବ୍ୟକ୍ତ ଯନ୍ତ୍ରଣା- ପୁଷ୍ପାଞ୍ଜଳି ସାହୁ ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

| ଯୋଗାଯୋଗ କରନ୍ତୁ | ଏ ସଂଖ୍ୟାର ମୂଲ୍ୟ ୩୦ ଟଙ୍କା ମାତ୍ର । |
| --- | --- |
| ପ୍ରସାର ପରିଚାଳକ 'କଥାକଳିକା' କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬, ଫାକ୍ସ : ୨୫୪୫୬୭୮ E-mail: kathakalika@gmail.com | 'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ । କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ) |